
ଧରିତ୍ରୀ
DHARITRI

January 25-31, 2026 ₹ 2/-

ଧରିତ୍ରୀ DHARITRI 52 Years

ଛୁଟିଦିନ




# ସମ୍ବିଧାନର ଜନନୀ

ଭାରତୀୟ ସମ୍ବିଧାନ
ହେଉଛି ଦେଶର ସର୍ବୋଚ୍ଚ ଆଇନଗତ ଦଲିଲ। ୧୯୫୦, ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ ହୋଇଥିଲା। ଆଉ ଏହାକୁ ଗଢିବା ପଛରେ ଥିବା ଅତୁଳନୀୟ ଅବଦାନ ଲାଗି ଡା. ଭୀମରାଓ ରାମଜୀ ଆମ୍ବେଡ଼କରଙ୍କୁ ମିଳିଲା 'ସମ୍ବିଧାନର ଜନକ'ର ଆଖ୍ୟା । ତେବେ ସମ୍ବିଧାନ ନିର୍ମାଣ ବେଳେ ୧୫ଜଣ ମହିଳାଙ୍କର ବି ଥିଲା ପ୍ରମୁଖ ଭୂମିକା। ଯେଉଁଥିପାଇଁ ସେମାନଙ୍କୁ ମିଳିଛି 'ସମ୍ବିଧାନର ଜନନୀ'ର ଆଖ୍ୟା....

୩
ପ୍ରଚ୍ଛଦ ପ୍ରସଙ୍ଗ



# କେମିତି କରିବେ ବାସ୍ତୁ ଦୋଷ ଦୂର

**ଘରେ ବାସ୍ତୁ ଦୋଷ ଥିଲେ, ବିଭିନ୍ନ ପ୍ରକାର ସମସ୍ୟା ଆସେ। ଅର୍ଥାଭାବ, କଳହ, ରୋଗବ୍ୟାଧି ଆଦି ଦେଖାଦିଏ। ଏଥିରୁ ମୁକ୍ତି ପାଇବାକୁ ବାସ୍ତୁଶାସ୍ତ୍ରରେ କିଛିଟା ସହଜ ଉପାୟ କୁହାଯାଇଛି। ଯେମିତିକି...**

✲ କଳସକୁ ଭଗବାନ ଗଣେଶଙ୍କର ଏକ ସ୍ୱରୂପ ବୋଲି କୁହାଯାଏ। ତେଣୁ ଘରର



ଉତ୍ତର-ପୂର୍ବ କୋଣରେ କଳସ ସ୍ଥାପନା କରିବା ଦ୍ୱାରା ଭଗବାନ ଗଣେଶଙ୍କର କୃପାଦୃଷ୍ଟି ଘର ଉପରେ ରହିଥାଏ ବୋଲି ବିଶ୍ୱାସ କରାଯାଏ।

✲ ବାସ୍ତୁ ଦୋଷକୁ ଠିକ୍ କରିବା ପାଇଁ ଘରର ମୁଖ୍ୟ ଦ୍ୱାର ନିକଟରେ ନାଲି ସିନ୍ଦୁରରେ ସ୍ୱସ୍ତିକ୍ ଚିହ୍ନ କରିବା ମଧ୍ୟ ଶୁଭ ହୋଇଥାଏ। ଆଉ ଏହି ସ୍ୱସ୍ତିକ୍ ଚିହ୍ନର ଲମ୍ବା ଓ ଚଉଡ଼ା ଉଭୟ ପଟକୁ ୯ ଆଙ୍ଗୁଠି ବ୍ୟବଧାନରେ ରହୁଥିଲେ ଶୁଭଫଳ ପ୍ରାପ୍ତ ହୁଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ ଘରର ପ୍ରବେଶ ଦ୍ୱାର ଦକ୍ଷିଣ ଦିଗରେ ରହିଥିଲେ, ସେଠାରେ ପଞ୍ଚମୁଖୀ ହନୁମାନଙ୍କର ଫଟୋ ଲଗାଇବା ଶୁଭ ହୋଇଥାଏ ବୋଲି ମାନ୍ୟତା ରହିଛି।

✲ ଘରର ଯେଉଁ ଦିଗରେ ବାସ୍ତୁଦୋଷ ରହିଛି ବୋଲି ଭାବୁଛନ୍ତି, ସେଠାରେ ଗିନାରେ କିଛି କର୍ପୂର ନେଇ ରଖିଦେଲେ ବାସ୍ତୁଦୋଷରୁ ମୁକ୍ତି ମିଳେ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ ବାସ୍ତୁଶାସ୍ତ୍ରରେ ଘୋଡ଼ାର ନାଲକୁ ବି ଶୁଭ ବୋଲି କୁହାଯାଇଥାଏ। ଇଂରାଜୀ ଅକ୍ଷର 'ୟୁ' ପରି ଦେଖାଯାଉଥିବା ଘୋଡ଼ାର ଏହି ନାଲକୁ ଘରର ମୁଖ୍ୟଦ୍ୱାର ନିକଟରେ ଟାଙ୍ଗିଲେ ଘରେ ଥିବା ବାସ୍ତୁଦୋଷ ଠିକ୍ ହୋଇ ସୌଭାଗ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୨୫-୩୧, ୨୦୨୬

**ମେଷ**
ବନ୍ଧୁଙ୍କ ନିମନ୍ତ୍ରଣ, ଦର୍ଶନୀୟସ୍ଥାନ ପରିଦର୍ଶନ, ଋଣଗ୍ରସ୍ତ ହୋଇପାରନ୍ତି, ନୂଆ ଯୋଜନାରେ ପ୍ରତିବନ୍ଧକ, ସାମାଜିକ ସମ୍ମାନ, ଶିଳ୍ପବାଣିଜ୍ୟରେ ଉନ୍ନତି, ବନ୍ଧୁ ଗୃହକୁ ଯାତ୍ରା, ସାହିତ୍ୟ କୃତିରୁ ପ୍ରଶଂସା, ପରିବାରରେ ମତାନ୍ତର ॥

**ବୃଷ**
ଶାରୀରିକ ଅସୁସ୍ଥତା, ବନ୍ଧୁଙ୍କ ବଦାନ୍ୟତା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ନୀଚ ସଂସର୍ଗରୁ ସମାଲୋଚନା, ଆନୁସଙ୍ଗିକ ସହଯୋଗପ୍ରାପ୍ତି, ବିବାଦରେ ବିଜୟ, ପାରିବାରିକ ସମସ୍ୟା, ମନ ଅଶାନ୍ତ ରହିବ, ବ୍ୟବସାୟିକ ଉତ୍କର୍ଷତା ॥

**ମିଥୁନ**
ପରିଜନଙ୍କ ସହ ଯାତ୍ରା, ସ୍ୱାସ୍ଥ୍ୟରେ ଉନ୍ନତି, ନୂତନ ସମ୍ପର୍କ ସୃଷ୍ଟି, ପିଲାଙ୍କ ବିଶୃଙ୍ଖଳିତ ଆଚରଣ, ପାରିବାରିକ ଜଞ୍ଜାଳ ବୃଦ୍ଧି, ପଡୋଶୀଙ୍କ ପ୍ରଶଂସା, ବୁଝାମଣା ଠିକ୍ ରହିବ, ପ୍ରତୀକ୍ଷିତ ଖବର ପାଇବେ, ବକେୟା ଅର୍ଥ ଆଦାୟ, କାମ ଉତ୍ସାହପ୍ରଦ ହେବ ॥

**କର୍କଟ**
କର୍ମଜଞ୍ଜାଳ ବୃଦ୍ଧି, ବିବାଦରେ ବିଜୟ, ଅବସାଦ ଦୂର ହେବ, ବ୍ୟାପାରରୁ ଲାଭ, ବନ୍ଧୁଙ୍କୁ ଆପଣାର କରିବେ, ଆଶାବାଦୀ ହୋଇପାରନ୍ତି, ପାରିବାରିକ ଅଶାନ୍ତି, ସହକର୍ମୀଙ୍କ ପ୍ରତାରଣା, କଳା ସାହିତ୍ୟରେ ଉନ୍ନତି ॥

**ସିଂହ**
ବନ୍ଧୁମିଳନରୁ ଆନନ୍ଦ, ନୂତନ କର୍ମାରମ୍ଭ, ପାରିବାରିକ ସହମତି, ସମ୍ପର୍କୀୟଙ୍କ ଅପପ୍ରଚାର, ମଧ୍ୟସ୍ଥତାରୁ ସମାଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ, ପ୍ରତିଯୋଗୀତାରେ ସଫଳତା, ପରିସ୍ଥିତିକୁ ସାହସର ସହ ସାମ୍ନା କରିବେ ॥

**କନ୍ୟା**
ଆଶାପୂରଣର ସୁଯୋଗ, ପଦାଧିକାରୀଙ୍କ ପରାମର୍ଶ, ଆର୍ଥିକ ଅଭିବୃଦ୍ଧି, ପାରିବାରିକ ବିତର୍କ, ବନ୍ଧୁଙ୍କ ପରାମର୍ଶ, ବିଳମ୍ବରେ ସଫଳତା, ତିର୍ଥାଟନ କରିପାରନ୍ତି, ସଭାସମିତିକୁ ନିମନ୍ତ୍ରଣ, ବିବାଦଗ୍ରସ୍ତ ହୋଇପାରନ୍ତି, ସଙ୍ଗଦୋଷରୁ ସମାଲୋଚନା ॥

**ତୁଳା**
ଆରୋଗ୍ୟଲାଭରୁ ଆଶ୍ୱସ୍ତି, ମନୋରଞ୍ଜନର ମଉକା, କର୍ମକ୍ଷେତ୍ରରେ ବିବାଦ, ସମସ୍ୟାର ସମାଧାନ, ବନ୍ଧୁ ସାହାଯ୍ୟ କରିବେ, ସମ୍ପର୍କ ବ୍ୟାହତ ହୋଇପାରେ, ବିଭିନ୍ନ ସୂତ୍ରରୁ ରୋଜଗାର, ଧର୍ମକାର୍ଯ୍ୟ ପ୍ରତି ରୁଚି, ସନ୍ତାନଙ୍କ କାର୍ଯ୍ୟରେ ଅସନ୍ତୋଷ ॥

**ବିଛା**
ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପୃଷ୍ଠପୋଷକତାର ପ୍ରଭାବ, ଅପରିଚିତଙ୍କ କଳହ, ବିଶ୍ୱାସରୁ ହଇରାଣ, ବ୍ୟବସାୟରେ ଲାଭ, ପେଟ ରୋଗରେ ପୀଡ଼ା, ଅର୍ଥର ଆବଶ୍ୟକତା, ମକଦ୍ଦମାର ଫଇସଲା, ମିଥ୍ୟା ଅଭିଯୋଗ ଆସିପାରେ, ଭ୍ରମଣ ସୁଯୋଗ ପାଇବେ ॥

**ଧନୁ**
ବନ୍ଧୁଙ୍କୁ ଆପଣାର କରିବେ, ପରିସ୍ଥିତି ଜଟିଳ ହେବନି, କର୍ମକ୍ଷେତ୍ରରେ ସମ୍ମାନ, ସ୍ତ୍ରୀଙ୍କ ପ୍ରେରଣା, ସମସ୍ୟାକୁ ସୁଧାରି ନେବେ, ଦ୍ୱନ୍ଦ୍ୱର ଅବସାନ, କାମ ଅଟକି ରହିଯିବ, ବନ୍ଧୁଙ୍କ ଭୁଲ୍ ଦୃଷ୍ଟିକୋଣ, ବ୍ୟବସାୟରେ ସଫଳତା ॥

**ମକର**
ପାରିବାରିକ ଶାନ୍ତି, ଭାବପ୍ରବଣତା ବୃଦ୍ଧି, ମନୋରଞ୍ଜନ ଜିନିଷ କ୍ରୟ, କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ, ନିଜ ପରିସରରେ ପ୍ରତିଷ୍ଠା, ବସ୍ତ୍ରଭୂଷଣ ପ୍ରାପ୍ତି, ବନ୍ଧୁମିଳନରୁ ଆନନ୍ଦ, କଳାସାହିତ୍ୟରେ ଅନୁରାଗ, ପ୍ରେସ୍ ପବ୍ଲିକେଶନରେ ସମସ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**କୁମ୍ଭ**
ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ବଦାନ୍ୟତା, କର୍ମକ୍ଷେତ୍ରରେ ପ୍ରଶଂସା, ଅଧସ୍ତନଙ୍କ ଅନୁରକ୍ତି, ଲକ୍ଷ୍ୟହୀନ ଯାତ୍ରା, ସୌଖୀନ ଦ୍ରବ୍ୟ କ୍ରୟ, ନକାରାତ୍ମକ ଚିନ୍ତାଧାରା, ସ୍ୱର୍ଣ୍ଣାଳଙ୍କାର କ୍ରୟ, ଧର୍ମକାର୍ଯ୍ୟ କରିବେ ॥

**ମୀନ**
ସ୍ନାୟବିକ ଦୁର୍ବଳତା, ଯୋଜନା ସ୍ଥଗିତ ରହିପାରେ, ଦୁଶ୍ଚିନ୍ତାର ମାତ୍ରା ବୃଦ୍ଧି, ବୁଝାମଣାରେ ଅଗ୍ରଗତି, ଆଶା ପୂରଣ ହୋଇପାରେ, ଦୂରଯାତ୍ରାରେ ଲକ୍ଷ୍ୟପୂରଣ, ସନ୍ତାନଙ୍କ କୃତିତ୍ୱ, ଋଣଗ୍ରସ୍ତ ହୋଇପାରନ୍ତି, କର୍ମକ୍ଷେତ୍ରରେ ସ୍ଥାନାନ୍ତର ॥

# ସୌଭାଗ୍ୟ ଆଣେ ମନିପ୍ଲାଣ୍ଟ

ବାସ୍ତୁଶାସ୍ତ୍ରରେ ମନିପ୍ଲାଣ୍ଟକୁ ଭାଗ୍ୟଶାଳୀ ଗଛ ବୋଲି କୁହାଯାଇଥାଏ। କାରଣ ଏହି ଗଛକୁ ଘରେ ରଖିଲେ କେବଳ ଧନ ବଢ଼େ ନାହିଁ ଆହୁରି ଅନେକ କିଛି ସୁଫଳ ମିଳେ ବୋଲି ବିଶ୍ୱାସ କରାଯାଏ। ଯେମିତିକି: ଏହା ଘରୁ ନକାରାତ୍ମକ ଉର୍ଜାକୁ ଦୂର କରି ସକାରାତ୍ମକ ଉର୍ଜାର ପ୍ରଭାବକୁ ବୃଦ୍ଧି କରେ। ଘରର ସଦସ୍ୟଙ୍କ ଭିତରେ ମଧୁର ସମ୍ପର୍କ ସୃଷ୍ଟି କରେ। କ୍ୟାରିୟର୍‌ରେ ଉନ୍ନତି ଆଣିବା ସହ ସୌଭାଗ୍ୟ ପ୍ରାପ୍ତି କରାଇବାରେ ସାହାଯ୍ୟ କରେ ବୋଲି ବିଶ୍ୱାସ ରହିଛି। ତେବେ ଏହି ସବୁ ଉପକାର ପାଇବାକୁ ହେଲେ ସଠିକ୍ ଦିଗରେ ମନିପ୍ଲାଣ୍ଟ ଗଛ ଲଗାଇବା ବି ଜରୁରୀ। ବିଶେଷକରି ଘରର ଦକ୍ଷିଣ-ପୂର୍ବ ଦିଗରେ ମନିପ୍ଲାଣ୍ଟ ଗଛ ଲଗାଇବା ସବୁଠୁ ଶୁଭ ହୋଇଥାଏ ; ଯାହା ଧନବୃଦ୍ଧି କରିବାରେ ସାହାଯ୍ୟ କରେ। ମୁଖ୍ୟତଃ ଏହା ଘରର ମୁଖିଆଙ୍କର ରୋଜଗାରରେ ବୃଦ୍ଧି ଘଟାଏ ବୋଲି ବିଶ୍ୱାସ କରାଯାଏ। ସେହିପରି କ୍ୟାରିୟର୍, ଚାକିରି ବା ବ୍ୟବସାୟରେ ସଫଳତା ପାଇବାକୁ ଚାହୁଁଥିଲେ, ମନିପ୍ଲାଣ୍ଟ ଗଛକୁ ଉତ୍ତର ଦିଗରେ ଲଗାଇବା ଶୁଭ ହୋଇଥାଏ। ଅନ୍ୟପକ୍ଷେ ଏହି ଦିଗରେ ମନିପ୍ଲାଣ୍ଟ ଗଛ ଲଗାଇଲେ ପରିବାର ସଦସ୍ୟଙ୍କ ଭିତରେ ସମ୍ପର୍କ ନିବିଡ଼ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ସେଥିପାଇଁ ମନିପ୍ଲାଣ୍ଟ ଗଛକୁ କେବେବି ଶୁଖିବାକୁ ଦେବା ଠିକ୍ ନୁହେଁ। ଯଦି କୌଣସି ପତ୍ର ଶୁଖିଯାଇଛି ତା'ହେଲେ ତାକୁ ଛିଣ୍ଡାଇ ବାହାର କରିଦେବା ଉତ୍ତମ ହୋଇଥାଏ।



# ପାଠକୀୟ

✲ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ଭିତରେ ଦ୍ରୁତ ଗତିରେ ଗାଡ଼ିଚାଳନା, ଟ୍ରାଫିକ୍ ନିୟମ ନ ମାନିବା, ବିନା ସିଟ୍ ବେଲ୍ଟ ବା ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଇବା ; ଯାହା ଏବେ ବ୍ୟଥିତ କରିଛି କିଛି ବ୍ୟକ୍ତିବିଶେଷଙ୍କୁ ଆଉ ଲୋକଙ୍କ ସୁରକ୍ଷା ପାଇଁ ସେମାନେ ଏବେ ଅଣ୍ଟା ଭିଡ଼ିଛନ୍ତି। ତେଣୁ ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସୁରକ୍ଷା ଚିନ୍ତା' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ରୂପେଶ ମୁଖାର୍ଜୀ, ଭବାନୀପାଟଣା*

✲ ଛୁଟିଦିନରେ ପ୍ରକାଶିତ 'ସୁରକ୍ଷା ଚିନ୍ତା' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଏକ ନିଆରା ତଥା ସମୟୋପଯୋଗୀ ଆଲେଖ୍ୟ। ଏଥିରୁ ବହୁ ଉପାଦେୟ କଥା ଜାଣିବାର ସୁଯୋଗ ମିଳିଲା। 'କାଇଟ୍ ଫେଷ୍ଟିଭାଲ' ଶୀର୍ଷକ ପାଠଟିରୁ ବହୁ ଅଜଣା କଥା ଜାଣିହେଲା। ବିଶିଷ୍ଟ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତଙ୍କ ଜୀବନର କିଛି ଅକୁହା କଥା ବ୍ୟକ୍ତିତ୍ୱ ପୃଷ୍ଠାରୁ ପଢ଼ି ଖୁସି ଲାଗିଲା।

*– ମହେଶ ମହାନ୍ତି, କେନ୍ଦ୍ରାପଡ଼ା*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ପାଚେରି' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ଚାହିଁ ବସିଛନ୍ତି ରାଣୀ', 'କାରଣ ଖୋଜୁଛନ୍ତି ରକୁଲ୍', 'କୁଣ୍ଡଳୀ', 'ନାଗିନ୍ ଅବତାର' ଶୀର୍ଷକ ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର ଥିଲା। କବି, ଗାଳ୍ପିକ ତଥା ପ୍ରାଧ୍ୟାପକ ଡ. ଅଶୋକ କୁମାର ଷଡ଼ଙ୍ଗୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

*– ଧରଣୀଧର ଖୁଣ୍ଟିଆ, ବଲାଙ୍ଗୀର*

✲ 'ମଣିଷ ନ ଥିବା ଗାଁ ପୋଡ଼ମପେଟା' ଶୀର୍ଷକ ପାଠଟି ସତରେ ବେଶ୍ ଅଜବ ଥିଲା। 'ସୋରଣଗଡ଼' ପାଠଟିରୁ ବହୁ ଅଜଣା କଥା ଜାଣିହେଲା। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇଥିଲା। ସହରଠୁ ଦୂର ପୃଷ୍ଠାରୁ 'ଭିତରକନିକା ଜାତୀୟ ଉଦ୍ୟାନ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିବାର ସୁଯୋଗ ମିଳିବାରୁ ଖୁସି ଲାଗିଲା।

*– ପାୟଲ ପୃଷ୍ଟି, କୋରାପୁଟ*

✲ ''କୁକୁର ଗୋଡ଼ାଇବା ପଛର କାରଣ କ'ଣ ହୋଇପାରେ'' ସେ ସମ୍ପର୍କରେ ବହୁ ଅଜଣା ଓ ଉପାଦେୟ କଥା ବିବିଧା ପୃଷ୍ଠାରୁ ପଢ଼ି ଖୁସି ଲାଗିଲା। ସେହିପରି ବ୍ୟଙ୍ଗ 'କର ମକର କରମ, ଅରଜ କର ଧରମ' ଶୀର୍ଷକ ପାଠଟି ବେଶ୍ ମନଛୁଆଁ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଟୁଥ୍‌ପିକ୍‌ରେ ଆଇଫିଲ୍ ଟାୱାର୍', 'ବିମାନ ହୋଟେଲ', 'ସୁଇମିଂ ପୁଲ୍ ଭିତରେ ସହର' ଆଦି ପାଠଗୁଡ଼ିକ ମଜାଦାର ହେବା ସହ ଆଶ୍ଚର୍ଯ୍ୟକର ଥିଲା।

*– ସାଇ ପଲ୍ଲବୀ ସ୍ୱାଇଁ, ମୟୂରଭଞ୍ଜ*




## ବିଶେଷ ଚିଠି

ସୁରକ୍ଷା ଚିନ୍ତାକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
କାଇଟ୍ ଫେଷ୍ଟିଭାଲ ଥିଲା
ଏକ ଅଜବ ପାଠ,
ନୂଆ କଥା କହୁଥିଲା
ମଣିଷ ନ ଥିବା ଗାଁ ପୋଡ଼ମପେଟା।
ସତରେ ହେ ପ୍ରିୟ ଛୁଟିଦିନ
ତୁମର ଷୋହଳଟି ଯାକ ପୃଷ୍ଠା
ଲାଗେ ସବୁବେଳେ ନୂତନ।

*– ପ୍ରତ୍ୟାଶା ପ୍ରିୟଦର୍ଶିନୀ, ରାଉରକେଲା*


ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସମ୍ବିଧାନର ଜନନୀ




**ଦେଶର ରାଜନୈତିକ ବ୍ୟବସ୍ଥାର ମୌଳିକ ସ୍ୱରୂପ ହେଉଛି ସମ୍ବିଧାନ। ଏହା ଦେଶର ସର୍ବୋଚ୍ଚ ଆଇନ ଓ ଗଣତନ୍ତ୍ରର ମେରୁଦଣ୍ଡ । ବି.ଆର. ଆମ୍ବେଡ଼କରଙ୍କ ଅଧ୍ୟକ୍ଷତାରେ ୨୯୯ ଜଣ ସଦସ୍ୟ ଏହାକୁ ନିର୍ମାଣ କରିଥିଲେ। ଯାହା ମଧ୍ୟରେ ୧୫ଜଣ ମହିଳାଙ୍କର ଥିଲା ପ୍ରମୁଖ ଭୂମିକା। ସେଇଥିପାଇଁ ତ ସେମାନେ ପାଇଛନ୍ତି 'ସମ୍ବିଧାନର ଜନନୀ'ର ଆଖ୍ୟା..**

ସମ୍ବିଧାନ ! ଦେଶର ସର୍ବୋଚ୍ଚ ଆଇନଗତ ଦଲିଲ । ଏହା ଦେଶର ଆତ୍ମା, ଗଣତନ୍ତ୍ରର ମେରୁଦଣ୍ଡ । ଏହି ସମୃଦ୍ଧ ସମ୍ବିଧାନକୁ ଗଢ଼ିବା ଲାଗି ୧୯୪୬ ଡିସେମ୍ବର ୬ ତାରିଖରେ ଗଠନ ହୋଇଥିଲା ସମ୍ବିଧାନ ସଭା । ବିଭିନ୍ନ ଜାତି, ଧର୍ମ ଓ ଲିଙ୍ଗର ୨୯୯ ଜଣ ଥିଲେ ଏହାର ସଦସ୍ୟ । ବି.ଆର. ଆମ୍ବେଡ଼କରଙ୍କ ଅଧ୍ୟକ୍ଷତାରେ ଦୁଇବର୍ଷ ୧୧ ମାସ ୧୮ ଦିନ ଧରି ଅକ୍ଳାନ୍ତ ପରିଶ୍ରମ କରି ସମସ୍ତ ସଦସ୍ୟ ଗଢ଼ିଥିଲେ ପୃଥିବୀର ଏହି ସବୁଠାରୁ ବଡ଼ ଦୀର୍ଘ ସମ୍ବିଧାନକୁ । ଆଉ ଡା. ଭୀମରାଓ ଆମ୍ବେଡ଼କର ପରିଚିତ ହେଲେ 'ସମ୍ବିଧାନର ଜନକ' ଭାବେ । ତେବେ ଏହି ସମ୍ବିଧାନ ନିର୍ମାଣ ପଛରେ କେବଳ ଯେ ପୁରୁଷଙ୍କର ଥିଲା ପ୍ରମୁଖ ଭୂମିକା ତାହା ନୁହେଁ, ୧୫ ଜଣ ବିଶିଷ୍ଟ ମହିଳାଙ୍କର ବି ଥିଲା ଅତୁଳନୀୟ ଅବଦାନ । ସେଇଥିପାଇଁ ତ ସମ୍ବିଧାନକୁ ରୂପରେଖ ଦେଇଥିବା ଏହି ମହିଳାମାନେ ପରିଚିତ ହୁଅନ୍ତି 'ସମ୍ବିଧାନର ଜନନୀ' ଭାବେ ।


**ଅମ୍ମୁ ସ୍ୱାମୀନାଥନ୍:** ୧୮୯୪, ଏପ୍ରିଲ ୨୨ ତାରିଖ । କେରଳର ପାଲଘାଟରେ ଜନ୍ମଗ୍ରହଣ କରିଥିଲେ ଅମ୍ମୁ ସ୍ୱାମୀନାଥନ୍ । ଖୁବ୍ କମ୍ ବୟସରେ ସେ ବାପାଙ୍କୁ ହରାଇଥିଲେ । ୧୩ ଭାଇଭଉଣୀ ଭିତରେ ସେ ଥିଲେ ସବୁଠାରୁ ସାନ । ସେତେବେଳେ ଝିଅଙ୍କୁ ବାହାରକୁ ଯାଇ ପଢ଼ିବାର ସୁଯୋଗ ନ ଥିବାରୁ ସେ ଆଦୌ ସ୍କୁଲ ଯାଇ ନ ଥିଲେ । ଘରେ ହିଁ ଅଳ୍ପ କିଛି ମାଲୟାଲମ୍ ଲେଖିବା ଓ ପଢ଼ିବା ଶିଖିଥିଲେ । ୧୩ ବର୍ଷ ବୟସରେ ସେ ନିଜଠାରୁ ୨୦ ବର୍ଷ ବଡ଼ ସୁବ୍ବାରାମ ସ୍ୱାମୀନାଥନ୍‌ଙ୍କୁ ବିବାହ କରିଥିଲେ । ବିବାହ ପରେ ତାଙ୍କ ଜୀବନରେ ଆସିଥିଲା ପରିବର୍ତ୍ତନ । ସ୍ୱାମୀ ତାଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହିତ କରିଥିଲେ । ଆଉ ସେ ପଢ଼ିଥିଲେ । ଶିକ୍ଷା ତାଙ୍କୁ ଆତ୍ମବିଶ୍ୱାସୀ କରିବା ସହ ତାଙ୍କ ଇଚ୍ଛାଶକ୍ତିକୁ ଦୃଢ଼ କରିଥିଲା । ୧୯୧୪ ପରଠାରୁ ସେ ରାଜନୀତିରେ ସକ୍ରିୟ ରହିବା ସହ ମହିଳାଙ୍କ ଅଧିକାର ପାଇଁ ଆନ୍ଦୋଳନ କରିବା ଆରମ୍ଭ କରିଥିଲେ । ୧୯୧୭ରେ ସେ କମଳା ଦେବୀ ଚଟ୍ଟୋପାଧ୍ୟାୟ, ଆନି ବେସାନ୍ତ, ମୁଥୁଲକ୍ଷ୍ମୀ ରେଡ୍ଡୀ ଆଦିଙ୍କ ସହ ମିଶି 'ଓମେନ୍ସ ଇଣ୍ଡିଆ ଆସୋସିଏସଶନ୍' ଗଠନ କରି ମହିଳାଙ୍କ ମତାଧିକାର ଓ ସମ୍ବିଧାନ ଅଧିକାର ପାଇଁ ଲଢ଼ିଥିଲେ । ଏହି ସଂଗଠନ ପରବର୍ତ୍ତୀ ସମୟରେ ସବୁଠାରୁ ବଡ଼ ମହିଳା ଅଧିକାର ସଂସ୍ଥା ଭାବେ ପରିଚିତ ହେଲା । ୧୯୩୪ରେ ସେ ନ୍ୟାଶନାଲ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ପ୍ରମୁଖ ଭୂମିକା ନିର୍ବାହ କରି ଜେଲ ବି ଗଲେ । ୧୯୪୬ରେ ସେ ମାଡ୍ରାସ ନିର୍ବାଚନ କ୍ଷେତ୍ରରୁ ସମ୍ବିଧାନ ସଭା ପାଇଁ ନିର୍ବାଚିତ ହେଲେ । ଅମ୍ମୁ ସମ୍ବିଧାନ ସଭାରେ ମୌଳିକ ଅଧିକାର ଓ ଡିରେକ୍ଟିଭ ପ୍ରିନ୍ସିପଲ୍‌ସ ଉପରେ କହିଥିଲେ । ଭାରତୀୟ ସମ୍ବିଧାନର ବିରାଟ ସ୍ୱରୂପ ଉପରେ ବି ସେ ଅସହମତି ଜଣାଇଥିଲେ । ତାଙ୍କ ମତରେ ସମ୍ବିଧାନ ଏମିତି ଏକ ଦସ୍ତାବିଜ ହେବା ଜରୁରୀ ଯାହାକୁ କି ପର୍ସ କି ପକେଟ୍‌ରେ ରଖି ହେବ । ୨୪ ନଭେମ୍ବର ୧୯୪୯ରେ ସମ୍ବିଧାନ ଡ୍ରାଫ୍ଟ ଉପରେ ଚର୍ଚ୍ଚା ସମୟରେ ନିଜ ଭାଷଣରେ ଅମ୍ମୁ ସ୍ୱାମୀନାଥନ୍ କହିଥିଲେ, 'ଭାରତ ସମ୍ପର୍କରେ ସାରା ପୃଥିବୀରେ କୁହାଯାଏ ଯେ, ଭାରତରେ ମହିଳାଙ୍କୁ ସମାନ ଅଧିକାର ଦିଆଯାଏ ନାହିଁ । ହେଲେ ଏବେ ଆମେ କହିପାରିବା କି ଆମେ ଭାରତୀୟ ଯେବେ ଆମର ସମ୍ବିଧାନର ନିର୍ମାଣ କଲୁ, ସବୁ ନାଗରିକଙ୍କ ସହ ମହିଳାଙ୍କୁ ବି ସମାନ ଅଧିକାର ଦିଆଯାଇଛି ।' ଏହାବାଦ୍ ସେ ଗାନ୍ଧିଜୀଙ୍କର ଅନୁଗାମୀ ଥିଲେ ଓ ଜାତିବାଦକୁ ବିରୋଧ କରୁଥିଲେ । ୧୯୫୨ରେ ସେ ଲୋକସଭାକୁ ନିର୍ବାଚିତ ଓ ୧୯୫୪ରେ ରାଜ୍ୟସଭା ପାଇଁ ଚୟନ ହୋଇଥିଲେ ।

**ସରୋଜିନୀ ନାଇଡୁ:** 'ଭାରତର କୋକିଳ'ଭାବେ ପରିଚିତ ସରୋଜିନୀ ନାଇଡୁଙ୍କର ନାରୀ ସଶକ୍ତୀକରଣ ପାଇଁ ଥିଲା ଅତୁଳନୀୟ ଅବଦାନ । ମହିଳାଙ୍କୁ କିଭଳି ସମ୍ମାନ ମିଳିବ, ଅଧିକାର ଓ ମତାଧିକାର ପ୍ରାପ୍ତ ହେବ ସେଥିପାଇଁ ସେ କାମ କରୁଥିଲେ । ୧୮୭୯, ଫେବୃଆରୀ ୧୩ ହାଇଦ୍ରାବାଦରେ ଜନ୍ମିତ ସରୋଜିନୀଙ୍କ ବାପା ଅଘୋରନାଥ, ନିଜାମ କଲେଜର ପ୍ରିନ୍ସିପାଲ ଥିଲେ । ମା' ସୁନ୍ଦରୀ ଦେବୀ ବଙ୍ଗାଳୀ ଭାଷାର କବୟିତ୍ରୀ ଥିଲେ । ୧୨ ବର୍ଷ ବୟସରେ ମାଟ୍ରିକ ପାସ୍ କରିବା ପରେ ସେ ଲଣ୍ଡନ କିଙ୍ଗ୍‌ସ କଲେଜରେ ପଢ଼ିଲେ । ଭାରତକୁ ଫେରିବା ପରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଅଗ୍ରଣୀ ଭୂମିକା ନିର୍ବାହ କଲେ । ଅସହଯୋଗ ଆନ୍ଦୋଳନ, ହୋମରୁଲ୍ ମୁଭମେଣ୍ଟ, ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରି ୫ ଥର ଜେଲ ଯାଇଥିଲେ । ସରୋଜିନୀ ନାଇଡୁ ବୀର ରସର କବିତା ଲେଖି ଦେଶବାସୀଙ୍କୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିବା ପାଇଁ ପ୍ରେରିତ କରୁଥିଲେ । ସ୍ୱାଧୀନତା ପୂର୍ବରୁ ଓ ପରେ ବି ସମାଜ, ରାଜନୀତି, ସାହିତ୍ୟ ଜଗତରେ ପରିବର୍ତ୍ତନର ଅନେକ ବ୍ଲୁପ୍ରିଣ୍ଟ ତିଆରି କରିଥିଲେ । ସେ ଆନି ବେସାନ୍ତଙ୍କ ସହ ମହିଳାଙ୍କ ଅଧିକାର ପାଇଁ ସଂଯୁକ୍ତ ଚୟନ ସମିତିକୁ ଭୋଟ ଦେବା ଲାଗି ଲଣ୍ଡନ ଯାଇଥିଲେ । ବିହାର ନିର୍ବାଚନ କ୍ଷେତ୍ରରୁ ସରୋଜିନୀ ସମ୍ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଆଉ ସମ୍ବିଧାନ ସଭାରେ ରାଷ୍ଟ୍ରୀୟ ଧ୍ୱଜା ଆପଣେଇବାର ମହତ୍ତ୍ୱ ସମ୍ପର୍କରେ କହିଥିଲେ । ଏହାସହ ସେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ ଓ ପ୍ରଥମ ମହିଳା ଭାରତୀୟ ଗଭର୍ନର ହୋଇଥିଲେ ।

**ଏନି ମାସ୍କାରେନେ:** ୧୯୦୨, ଜୁନ ୬ କେରଳର ଥିରୁଭାନନ୍ତପୁରମ୍‌ର ଏକ ଲାଟିନ କ୍ୟାଥୋଲିକ ପରିବାରରେ ଏନିଙ୍କ ଜନ୍ମ । ୧୯୨୫ରେ ସେ ଥିରୁଭାନନ୍ତପୁରମ୍‌ର ମହାରାଜା କଲେଜରେ ଇତିହାସ ଓ ଅର୍ଥଶାସ୍ତ୍ରରେ ଡବଲ ଏମ୍‌ଏ କରିଥିଲେ । ତା'ସହ ସେ ଓକିଲାତି ବି କରିଥିଲେ । ଯେବେ ଭାରତ ସ୍ୱାଧୀନ ହେଲା ଏନି ମାସ୍କାରେନେ ଭାରତର ଏକକୀକରଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ତ୍ରାଭନକୋର ଓ କୋଚିନ ପ୍ରିନ୍ସଲି ଷ୍ଟେଟ୍‌କୁ ସେ ପ୍ରତିନିଧିତ୍ୱ କରୁଥିଲେ । ସେ ସଂଘବାଦକୁ ଗୁରୁତ୍ୱ ଦେଉଥିଲେ ଓ ସମ୍ବିଧାନ ସଭାରରେ ସଂଘବାଦ ଉପରେ କହିଥିଲେ । ଗଣତନ୍ତ୍ର ସୁଚାରୁରୂପେ ସଞ୍ଚାଳନ ପାଇଁ ଶକ୍ତି କେନ୍ଦ୍ରୀକରଣର ଆବଶ୍ୟକତା ରହିଛି ବୋଲି ସମ୍ବିଧାନ ସଭାର ଡିବେଟ୍‌ରେ କହିଥିଲେ । ତା'ସହ ପୂର୍ଣ୍ଣ କେନ୍ଦ୍ରୀକରଣ ଗଣତନ୍ତ୍ର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି ବି ଚେତାବନୀ ଦେଇଥିଲେ । ମାସ୍କାରେନେ କେରଳରୁ ଲୋକ ସଭା ପାଇଁ ନିର୍ବାଚିତ ହୋଇଥିବା ପ୍ରଥମ ମହିଳା ଏମ୍‌ପି ଥିଲେ । ଏମ୍‌ପି ରୂପରେ ସେ ରାଜନୀତିରେ ମହିଳାଙ୍କ କମ୍ ପ୍ରତିନିଧିତ୍ୱର କଥାକୁ ଉଠାଇଥିଲେ ।

**ସୁଚେତା କୃପାଳିନୀ:** ସୁଚେତାଙ୍କ ଜନ୍ମ ପଞ୍ଜାବ (ଆଧୁନିକ ହରିୟାଣା)ର ଅମ୍ବାଲା ସହରରେ ୧୯୦୮ ମସିହା ଜୁନ ୨୫ରେ ହୋଇଥିଲା । ଦିଲ୍ଲୀ ସେଣ୍ଟ ଷ୍ଟିଫେନ୍ସ କଲେଜରେ ଇତିହାସରେ ଏମ୍‌ଏ କରିବା ପରେ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ସାମ୍ବିଧାନିକ ଇତିହାସର ପ୍ରଫେସରଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ଆଚାର୍ଯ୍ୟ କୃପାଳିନୀଙ୍କ ସହ ବିବାହ କରିବା ପରେ ସେ ସ୍ୱାଧୀନତା ସଂଗ୍ରାମରେ ଗଭୀରଭାବେ ଜଡ଼ିତ ହେଲେ । ୧୯୪୦ରେ ସେ 'ଅଲ୍ ଇଣ୍ଡିଆ ମହିଳା କଂଗ୍ରେସ' ସ୍ଥାପନ କରିଥିଲେ । ବିଭାଜନ ସମୟରେ ହେଉଥିବା ଦଙ୍ଗାବେଳେ ସେ ମହାତ୍ମା ଗାନ୍ଧୀଙ୍କ ସହ ମିଶି ଶାନ୍ତି ବଜାୟ ରଖିବା ସହ ପୀଡ଼ିତଙ୍କ ସାହାଯ୍ୟ କରୁଥିଲେ । ସମ୍ବିଧାନ ସଭାରେ କୃପାଳିନୀ ଧ୍ୱଜ ପ୍ରସ୍ତୁତି ସମିତିର ଅଂଶ ଥିଲେ । ୧୯୪୭, ଅଗଷ୍ଟ ୧୪ ତାରିଖର ମଧ୍ୟରାତ୍ରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜୱାହରଲାଲ ନେହେରୁ ସମ୍ବିଧାନ ସଭାରେ ଦେଇଥିବା ଐତିହାସିକ ଭାଷଣ 'ନିୟତି ସେ ମୁଲାକାତ'ର କିଛି ମିନିଟ ପୂର୍ବରୁ 'ବନ୍ଦେ ମାତରମ୍' ଗାଇଥିଲେ । ସ୍ୱାଧୀନତା ପରେ କୃପାଳିନୀ ନୂଆଦିଲ୍ଲୀର ଜଣେ ସାଂସଦ ଓ ଉତ୍ତର ପ୍ରଦେଶର ରାଜ୍ୟ ସରକାରରେ ସେ ଶ୍ରମ, ସାମୁଦାୟିକ ବିକାଶ →






ଅମ୍ମୁ ସ୍ୱାମୀନାଥନ୍


ରାଜ କୁମାରୀ ଅମୃତ କୌର


ଏନି ମାସ୍କାରେନେ


ବେଗମ ଏଜାଜ ରସୁଲ

ଓ ଉଦ୍ୟୋଗମନ୍ତ୍ରୀ ରୂପେ କାର୍ଯ୍ୟ କଲେ । ପରେ ୧୯୬୩ରେ ସେ ଭାରତର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ (ଉତ୍ତର ପ୍ରଦେଶର) ହୋଇଥିଲେ ।

**ଦାକ୍ଷାୟନୀ ବେଲାୟୁଧନ:** ୧୯୧୨, ଜୁଲାଇ ୪ ଏର୍ନାକୁଲମର ମୁଲାଭୁକଡ଼ ଗ୍ରାମରେ ଜନ୍ମିତ ଦାକ୍ଷାୟନୀ, ମାଡ୍ରାସ ନିର୍ବାଚନ କ୍ଷେତ୍ରରୁ ସମ୍ବିଧାନ ପ୍ରଣୟନ ସଭାକୁ ନିର୍ବାଚିତ ହୋଇଥିଲେ । ମାତ୍ର ୩୪ ବର୍ଷ ବର୍ଷୀୟା ବେଲାୟୁଧନ ସମ୍ବିଧାନ ସଭାର ସବୁଠାରୁ କମ୍ ବୟସର ଓ ଏକ ମାତ୍ର ଦଳିତ ମହିଳା ସଦସ୍ୟ ଥିଲେ । ହେଲେ ସମ୍ବିଧାନ ସଭାର ସେ ଏକ ସଶକ୍ତ ଓ ସ୍ୱତନ୍ତ୍ର ସ୍ୱର ପାଲଟିଥିଲେ । ତାଙ୍କ ମତ ଥିଲା ଭାରତୀୟ ସମ୍ବିଧାନର କାର୍ଯ୍ୟ କେବଳ ରାଜ୍ୟ ଓ ସମାଜ ମଧ୍ୟସ୍ଥ ସମ୍ପର୍କକୁ ସନ୍ତୁଳିତ କରିବା ନୁହେଁ, ବରଂ ସମାଜର ପୁନର୍ଗଠନ କରିବା ହେଉଛି ସମ୍ବିଧାନର ମୁଖ୍ୟ କାର୍ଯ୍ୟ । ବେଲାୟୁଧନ, ବିଆର୍ ଆମ୍ବେଡକର ଓ ଏମ୍ ନାଗପ୍ପାଙ୍କର ସେଇ ସଂଶୋଧନ ଉପରେ ବି ଆପତ୍ତି ପ୍ରକାଶ କରିଥିଲେ, ଯାହା ଅନ୍ତର୍ଗତ ରିଜର୍ଭଡ ସିଟ୍ ପାଇବା ପାଇଁ ଆଶା ରଖିଥିବା କ୍ୟାଣ୍ଡିଡେଟ୍‌ଙ୍କୁ ଅନୁସୂଚିତ ଜାତିର ମତଦାତାଙ୍କଠାରୁ ନ୍ୟୂନତମ ଅନୁପାତରେ ଭୋଟ ପ୍ରାପ୍ତ କରିବା ଅନିବାର୍ଯ୍ୟ । ଏହାବାଦ ଭାରତ କେଉଁଭଳି ସଂଘୀୟ ପ୍ରଣାଳୀ ଆପଣାଇବା ଜରୁରୀ ତା' ଉପରେ ବି ମତ ଦେଇଥିଲେ । ଡ୍ରାଫ୍ଟ କନଷ୍ଟିଚ୍ୟୁଶନ୍ ଉପରେ ସମାଲୋଚନାତ୍ମକ ମତ ଦେଇ ସେ କହିଥିଲେ ଯେ, 'ଏଥିରେ କ୍ଷମତା ବିକେନ୍ଦ୍ରୀକରଣର ଅଭାବ ରହିଛି । ତା'ସହ ଏକ ମଜଭୁତ କେନ୍ଦ୍ରୀୟ ସରକାର ଦ୍ୱାରା ରାଜ୍ୟ ସରକାର ଉପରେ ପ୍ରଭୁତ୍ୱ ସ୍ଥାପନା କରିବାର ଆବଶ୍ୟକତା ରହିଛି ।' ଏହାବାଦ ସେ ଦଳିତଙ୍କ ଅଧିକାର ପାଇଁ କାମ କରୁଥିଲେ । ୧୯୭୭ରେ ଦିଲ୍ଲୀରେ ସେ ମହିଳାଙ୍କ ଅଧିକାର ପାଇଁ 'ମହିଳା ଜାଗ୍ରିତି ପରିଷଦ' ନାମକ ଏକ ସଂସ୍ଥା ଗଠନ କରିଥିଲେ ।

**ବେଗମ ଏଜାଜ ରସୁଲ:** ସମ୍ବିଧାନ ସଭାର ଏକମାତ୍ର ମୁସଲମାନ ସଦସ୍ୟ ବେଗମ ଏଜାଜ ରସୁଲ ରାଜ ପରିବାରର ଥିଲେ । ୧୯୦୯, ଏପ୍ରିଲ ୨ ମସିହା ଲାହୋରରେ ଜନ୍ମିତ ଏଜାଜ ଧର୍ମ ନିରପେକ୍ଷତା ଓ ସାମ୍ପ୍ରଦାୟିକ ସଦ୍ଭାବର ପ୍ରବଳ ସମର୍ଥକ ଥିଲେ । ୧୯୩୭ ନିର୍ବାଚନରେ ସେ ଏକ ନନ୍ ରିଜର୍ଭଡ୍ ସିଟ୍‌ରେ କଣ୍ଟେଷ୍ଟ କରି ଉତ୍ତର ପ୍ରଦେଶ ଲେଜିସଲେଟିଭ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ । ୧୯୪୬ରେ ସେ ସମ୍ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଆଉ ସେ ଆସେମ୍ବ୍ଲିର ଏକମାତ୍ର ମୁସଲମାନ ମହିଳା ଥିଲେ । ସମ୍ବିଧାନ ପ୍ରଣୟନ ସଭାରେ ତାଙ୍କ କାର୍ଯ୍ୟକାଳ ଭିତରେ ସେ ରାଷ୍ଟ୍ରୀୟ ଭାଷା, ଆରକ୍ଷଣ ଓ ଅଳ୍ପ ସଂଖ୍ୟକଙ୍କ ପାଇଁ ଆରକ୍ଷଣର ବିରୋଧ କରିଥିଲେ । ସେ ଜମିଦାରି ପ୍ରଥାର ବି ବିରୋଧୀ ଥିଲେ । କିନ୍ତୁ କ୍ରୀଡ଼ାକୁ ଭଲ ପାଉଥିଲେ । ମହିଳା ହକିକୁ ପ୍ରୋତ୍ସାହିତ କରିବାରେ ତାଙ୍କର ଅନେକ ଅବଦାନ ଥିଲା । ସେ ଏସିଆନ ଓମେନ୍ସ ହକି ଫେଡେରେଶନ୍‌ର ପ୍ରେସିଡେଣ୍ଟ ଥିଲେ । ଭାରତୀୟ ମହିଳା ହକିରେ ପ୍ରଦାନ କରାଯାଉଥିବା 'ବେଗମ୍ ରସୁଲ ଟ୍ରଫି' ତାଙ୍କ ନାମରେ ନାମିତ ହୋଇଛି ।

**ରାଜ କୁମାରୀ ଅମୃତ କୌର:** ୧୮୮୭ ଫେବୃଆରୀ ୨ରେ ଉତ୍ତର ପ୍ରଦେଶ ଲକ୍ଷ୍ନୌର କପୁରଥାଲା ରାଜପରିବାରରେ ରାଜକୁମାରୀ ବିବିଜୀ ଅମୃତ କୌରଙ୍କ ଜନ୍ମ । କିନ୍ତୁ ମହାତ୍ମା ଗାନ୍ଧୀଙ୍କ ସହ କାମ କରିବା ଲାଗି ସେ ନିଜର ରାଜକୀୟ ଭୋଗବିଳାସକୁ ତ୍ୟାଗ କରିଥିଲେ । ଦାଣ୍ଡିଯାତ୍ରା ସହ ଭାରତ ଛାଡ ଆନ୍ଦୋଳନରେ ଅଂଶଗ୍ରହଣ କରି ଜେଲ ଯାଇଥିଲେ । ୧୯୨୭ରେ ସେ 'ଅଲ୍ ଇଣ୍ଡିଆ ଓମେନ୍ସ କନଫରେନ୍ସ'ର ସହ ପ୍ରତିଷ୍ଠାତା ହୋଇଥିଲେ । ଅମୃତା ଭାରତର ସମ୍ବିଧାନ ସଭାର ଜଣେ ସଦସ୍ୟ ଥିଲେ । କନ୍‌ଷ୍ଟିଚୁଏଣ୍ଟ ଆସେମ୍ବ୍ଲିର ସଦସ୍ୟଭାବେ ସେ ୟୁନିଫର୍ମ ସିଭିଲ କୋଡ୍ ପ୍ରସ୍ତାବକୁ ସମର୍ଥନ କରିଥିଲେ । ୧୯୪୭-୧୯୫୭ ପର୍ଯ୍ୟନ୍ତ ସେ ଭାରତର ସ୍ୱାସ୍ଥ୍ୟ ମନ୍ତ୍ରୀ ହୋଇଥିଲେ । ସେ ସ୍ପୋର୍ଟସ୍ ମିନିଷ୍ଟର ଓ ଅର୍ବାନ ଡେଭଲପମେଣ୍ଟ ମିନିଷ୍ଟ୍ରିର ଦାୟିତ୍ୱ ବି ନିର୍ବାହ କରିଥିଲେ । ଦେଶର ପ୍ରଥମ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ସେ ଭାରତର ସ୍ୱାସ୍ଥ୍ୟସେବାରେ ଥିବା ଅନେକ ତ୍ରୁଟି ଓ ନୀତିରେ ସୁଧାର ଆଣିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୧୯୫୬ରେ ଲୋକ ସଭାରେ ଏକ ନୂଆ ବିଲ୍ ଆଗତ କରି 'ଏମ୍ସର ମୂଳଦୁଆ ବି ପକାଇଥିଲେ । ଶିକ୍ଷା ଓ ସ୍ୱାସ୍ଥ୍ୟ ତାଙ୍କର ଫୋକସ୍‌ରେ ଥିଲା । ବାଲ୍ୟବିବାହ, ପରଦା ପ୍ରଥା ଓ ଦେବଦାସୀ ପ୍ରଥାକୁ ସେ ବିରୋଧ କରୁଥିଲେ ।

**ହଂସା ଜୀବରାଜ ମେହେଟା:** ୧୮୯୭ ଜୁଲାଇ ୩, ସୁରତରେ ଜନ୍ମିତ ହଂସା ବାଳିକା ଉଚ୍ଚ ବିଦ୍ୟାଳୟରେ ପଢ଼ିଥିଲେ । ଫିଲସୋଫିରେ ସ୍ନାତକ ହେବାପରେ ଇଂଲଣ୍ଡରେ ଜର୍ନାଲିଜମ୍ ଓ ସୋସିଓଲୋଜି ପଢ଼ିଥିଲେ । ଇଂଲଣ୍ଡରେ ପଢ଼ିବାବେଳେ ସରୋଜିନୀ ନାଇଡୁଙ୍କ ସହ ତାଙ୍କର ଦେଖା ହୁଏ । ନାଇଡୁ ତାଙ୍କୁ ୧୯୨୦ ମସିହାରେ ଇଣ୍ଟରନ୍ୟାଶନାଲ ଓମେନ ସଫରେଜ୍ ଆଲାଏନ୍ସ କନଫରେନ୍ସ, ଜେନେଭାକୁ ନେଇଥିଲେ । ୧୯୨୨ରେ ସେ ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିଥିଲେ । ପରେ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ତିନିଥର ଜେଲ ଯାଇଥିଲେ । ୧୯୩୦ରେ ସେ ଗଢ଼ିଲେ 'ଦେଶ ସେବିକା ଦଳ' । ୧୯୪୭, ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରରେ ହଂସା ୭୨ ଜଣିଆ ଏକ ମହିଳା ଦଳର ପ୍ରତିନିଧିତ୍ୱ କରି ଡା. ରାଜେନ୍ଦ୍ର ପ୍ରସାଦଙ୍କୁ ସଂସଦରେ ସ୍ୱାଧୀନ ଭାରତର ପ୍ରଥମ ଜାତୀୟ ପତାକା ପ୍ରଦାନ କରିଥିଲେ । ସ୍ୱାଧୀନତା ପରେ ଭାରତୀୟ ସମ୍ବିଧାନ ପ୍ରସ୍ତୁତି ପାଇଁ ଗଠନ ହୋଇଥିବା କନ୍‌ଷ୍ଟିଚୁଏଣ୍ଟ ଆସେମ୍ବ୍ଲିର ୧୫ ଜଣ ମହିଳା ସଦସ୍ୟଙ୍କ ମଧ୍ୟରେ ସେ ମଧ୍ୟ ଜଣେ ସଦସ୍ୟ ହୋଇଥିଲେ । ଆଉ ଲିଙ୍ଗଗତ ସମାନତା ପାଇଁ ଦାବି କରିଥିଲେ । ସେ ମୌଳିକ ଅଧିକାରର ଆଡଭାଇଜରି କମିଟି ଓ ସବ୍ କମିଟିର ସଦସ୍ୟ ବି ହୋଇଥିଲେ । ତା'ସହ 'ଅଲ ଇଣ୍ଡିଆ ଓମେନ୍ସ କନଫରେନ୍ସ'ର ପ୍ରେସିଡେଣ୍ଟ ବି ହୋଇଥିଲେ । ମହିଳାଙ୍କ ସମାନ ଅଧିକାର ଓ ନ୍ୟାୟ ପାଇଁ କାମ କରିଥିଲେ । ସମ୍ବିଧାନ ସଭାରେ ହିନ୍ଦୁ କୋଡ ବିଲ୍ ଉପରେ ହୋଇଥିବା ଆଲୋଚନାରେ ସେ ଅଂଶଗ୍ରହଣ କରିଥିଲେ । ପ୍ରସ୍ତାବିତ ବିଲ୍‌ରେ ଆଡପ୍ସନକୁ ସମାଲୋଚନା କରି କହିଥିଲେ- ଆମେ ହେଉଛୁ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଆମେ ଧର୍ମ ନିରପେକ୍ଷ ରାଷ୍ଟ୍ର ହୋଇ ରହିବାକୁ ଚାହୁଁ । ଏକ ଧର୍ମ ନିରପେକ୍ଷ ରାଷ୍ଟ୍ରର କୌଣସି ଧାର୍ମିକ ରୀତିନୀତି ସହ କାହିଁକି ବା ସମ୍ପର୍କ ରହିବା ଦରକାର ?

**କମଳା ଚୌଧୁରୀ:** ହିନ୍ଦୀ କ୍ଷୁଦ୍ରଗଳ୍ପ ଲେଖିକା କମଳାଙ୍କ ଜନ୍ମ ୧୯୦୮, ଫେବୃଆରୀ ୨୨ରେ ହୋଇଥିଲା । ବାପା ରାଇମୋହନ ଦୟାଲ ଥିଲେ ଡେପୁଟି କଲେକ୍ଟର । ୧୯୩୦ ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ କମଳା 'ଇଣ୍ଡିଆନ ନ୍ୟାଶନାଲ କଂଗ୍ରେସ'ରେ ଯୋଗ ଦେଇଥିଲେ । ତା'ପରଠାରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶଗ୍ରହଣ କରି ଅନେକ ଥର ଜେଲ ଗଲେ । ସେ ଅଖିଳ ଭାରତ କଂଗ୍ରେସ କମିଟିର ୫୪ତମ ଅଧିବେଶନରେ ବରିଷ୍ଠ ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ସେ ସମ୍ବିଧାନ ପ୍ରଣୟନ ସଭାର ଜଣେ ନିର୍ବାଚିତ ସଦସ୍ୟ ବି ହୋଇଥିଲେ ।


ଦାକ୍ଷାୟନୀ ବେଲାୟୁଧନ


ଦୁର୍ଗାବାଇ ଦେଶମୁଖ


ହଂସା ଜୀବରାଜ ମେହେଟା


କମଳା ଚୌଧୁରୀ


ଲିଲା ରୟ


ମାଳତୀ ଚୌଧୁରୀ


ରେଣୁକା ରାୟ


ସରୋଜିନୀ ନାଇଡୁ


ସମ୍ବିଧାନ ଗୃହୀତ ହେବା ପରେ ୧୯୫୨ ମସିହା ପର୍ଯ୍ୟନ୍ତ ସେ ପ୍ରୋଭିଜିଆଲ ଗଭର୍ନମେଣ୍ଟର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ।

**ଦୁର୍ଗାବାଈ ଦେଶମୁଖ:** ୧୯୦୯, ଜୁଲାଇ ୧୫ ତାରିଖ ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରୀରେ ଜନ୍ମିତା ଦୁର୍ଗାବାଈଙ୍କ ଭିତରେ ଛୋଟବେଳୁ ହିଁ ଦେଶପ୍ରେମର ଝଲକ ଦେଖିବାକୁ ମିଳିଥିଲା। ଖୁବ୍ କମ୍ ବୟସରୁ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ବିଦ୍ୟାଳୟରେ ଇଂଲିଶକୁ ପଢ଼ିବାର ମାଧ୍ୟମ ଭାବେ ଲଦି ଦିଆଯାଉଥିବା ଯୋଗୁ ମାତ୍ର ୧୨ ବର୍ଷ ବୟସରେ ଏହାକୁ ବିରୋଧ କରି ସ୍କୁଲ ଛାଡ଼ିଥିଲେ। ସେ ମାଡ୍ରାସରେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ। ଦୁଇଥର ଜେଲ ବି ଯାଇଥିଲେ। ଆଉ ଜେଲରେ ଥାଇ ଏମ୍ଏ କମ୍ପ୍ଲିଟ୍ କଲେ। ପରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ଲ' ପଢିଲେ। ୧୯୩୭ରେ ସେ 'ଆନ୍ଧ୍ର ମହିଳା ସଭା'ର ସ୍ଥାପନା କରିଥିଲେ, ଯାହାକି ଏକ ଦଶକ ଭିତରେ ମାଡ୍ରାସ ସହରରେ ଶିକ୍ଷା ଓ ସାମାଜିକ କଲ୍ୟାଣର ଏକ ମହାନ ସଂସ୍ଥା ହୋଇଯାଇଥିଲା। ମାଡ୍ରାସ ପ୍ରୋଭିନ୍ସରୁ ଦୁର୍ଗାବାଈ ସମ୍ବିଧାନ ପ୍ରଣୟନ ସଭାକୁ ନିର୍ବାଚିତ ହୋଇଥିଲେ। ସେ ରାଷ୍ଟ୍ରୀୟ ଭାଷା, ନ୍ୟାୟିକ ସ୍ୱାଧୀନତା ଓ ମାନବ ଚାଲାଣ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ। ଭାରତର କଲ୍ୟାଣକାରୀ ନୀତିଗୁଡ଼ିକୁ ଆକାର ଦେବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେଥିପାଇଁ ଭାରତରେ ତାଙ୍କୁ 'ସାମାଜିକ କଲ୍ୟାଣର ଜନନୀ' ବି କୁହାଯାଏ।

**ପୂର୍ଣ୍ଣିମା ବାନାର୍ଜୀ:** ୧୯୧୧, ପଞ୍ଜାବର କାଲ୍‌କାରେ ଜନ୍ମିତା ପୂର୍ଣ୍ଣିମା ଥିଲେ ସ୍ୱାଧୀନତା ସଂଗ୍ରାମୀ ଅରୁଣା ଆସଫ ଅଲୀଙ୍କ ସାନ ଭଉଣୀ। ସେ ଆଲ୍ଲାହାବାଦରେ କଂଗ୍ରେସ ସଚିବ ରୂପରେ କାର୍ଯ୍ୟ କରିଥିଲେ। ସଲ୍ଟ ମାର୍ଚ୍ଚ ଓ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ଜେଲ ଯାଇଥିଲେ। ପରେ ସେ ଉତ୍ତରପ୍ରଦେଶ ଲେଜିସ୍‌ଲେଟିଭ ଆସେମ୍ବ୍ଲି ଓ ସମ୍ବିଧାନ ସଭାର ସଦସ୍ୟ ହୋଇଥିଲେ। ସମ୍ବିଧାନ ସଭାରେ ସେ ପ୍ରିଏମ୍ବଲ୍ ଓ ରାଜ୍ୟ ସଭା ସଦସ୍ୟଙ୍କ ଯୋଗ୍ୟତା ବିଷୟରେ ଆଲୋଚନା କରିଥିଲେ।

**ରେଣୁକା ରାୟ:** ୧୯୦୪, ଜାନୁଆରୀ ୪ ତାରିଖ ବ୍ରିଟିଶ ଇଣ୍ଡିଆର କଲିକତାରେ ଜନ୍ମିତ ରେଣୁକା ବେଶ୍ ପ୍ରତିଷ୍ଠିତ ପରିବାରର ଥିଲେ। ବ୍ରହ୍ମ ସମାଜ ସୁଧାରକ ନିବାରଣ ଚନ୍ଦ୍ର ମୁଖାର୍ଜୀଙ୍କର ସେ ବଂଶଜ ଥିଲେ। ବାପା ସତୀଶ ଚନ୍ଦ୍ର ମୁଖାର୍ଜୀ ଆଇସିଏସ୍ ଅଫିସର୍ ଥିଲେ। ମା' ଚାରୁଲତା ସମାଜସେବୀ ଓ ଅଲ୍ ଇଣ୍ଡିଆ ଓମେନ୍ସ କନଫରେନ୍ସର ସଦସ୍ୟ ଥିଲେ। ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ପ୍ରେରିତ ହୋଇ ରେଣୁକା ପ୍ରଥମେ କଲେଜ ପଢ଼ା ଛାଡି ଦେଇଥିଲେ। କିନ୍ତୁ ପରେ ଗାନ୍ଧିଜୀ ଓ ତାଙ୍କ ମା'ବାପାଙ୍କ ଅନୁରୋଧରେ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ପଢିଥିଲେ। ପଶ୍ଚିମବଙ୍ଗରୁ ସେ ସମ୍ବିଧାନ ପ୍ରଣୟନ ସଭାକୁ ନିର୍ବାଚିତ ହୋଇଥିଲେ। ସମ୍ବିଧାନ ସଭାରେ ସେ ମହିଳାଙ୍କ ଅଧିକାରଜନିତ ସମସ୍ୟା, ଅଳ୍ପ ସଂଖ୍ୟକଙ୍କ ଅଧିକାର ସହ ବାଇ କ୍ୟାମେରାଲ ଲେଜିସଲେଶନ ପ୍ରୋଭିଜନ ପାଇଁ ହସ୍ତକ୍ଷେପ କରିଥିଲେ। ସମ୍ବିଧାନ ସଭାରେ ନିଜର ସମ୍ବୋଧନ ବେଳେ ସେ ମହିଳାଙ୍କ ପାଇଁ ଆରକ୍ଷଣର ବିରୋଧ କରି କହିଥିଲେ– 'ଆରକ୍ଷଣ ହେଉଛି ଆମ ବିକାଶର ପ୍ରତିବନ୍ଧକ ଓ ଆମ ବୁଦ୍ଧି ଓ କ୍ଷମତାର ଅପମାନ।' ସେ ମାଲଦାରୁ ଦୁଇଥର ଏମ୍‌ପି ଭାବେ କାର୍ଯ୍ୟ କରିଥିଲେ।

**ମାଳତୀ ଚୌଧୁରୀ:** କଲିକତାର ଏକ ରାଜନୈତିକ ପରିବାରରେ ୧୯୦୪, ଜୁଲାଇ ୨୬ ତାରିଖରେ ଜନ୍ମଗ୍ରହଣ କରିଥିଲେ ମାଳତୀ। ୧୯୨୧ମସିହାରେ ଶାନ୍ତି ନିକେତନର ବିଶ୍ୱ ଭାରତୀରେ ଅଧ୍ୟୟନ କରିବା ବେଳେ ତାଙ୍କର ମନ ସ୍ୱାଧୀନତା ସଂଗ୍ରାମ ଆଡ଼କୁ ଢଳିଥିଲା। ରବୀନ୍ଦ୍ର ନାଥ ଠାକୁର ଓ ଗାନ୍ଧିଜୀଙ୍କଠାରୁ ପ୍ରେରଣା ପାଇ ୧୯୨୭ରେ ସେ ଓଡ଼ିଶା ଚାଲି ଆସିଥିଲେ। ସବୁ ସୁବିଧାରୁ ବଞ୍ଚିତ ଦଳିତଙ୍କ ଉତ୍ଥାନ କାର୍ଯ୍ୟରେ ସେ ନିଜକୁ ସମର୍ପି ଦେଲେ। ତାଙ୍କ ବିବାହ ନବକୃଷ୍ଣ ଚୌଧୁରୀଙ୍କ ସହ ହୋଇଥିଲା, ଯେକି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ୧୯୩୪ ମସିହାରେ ଓଡ଼ିଶାରେ ହୋଇଥିବା ମହାତ୍ମା ଗାନ୍ଧୀଙ୍କ ପଦଯାତ୍ରାରେ ମାଳତୀ ଯୋଗ ଦେଇଥିଲେ। ଜମି




ମାଲିକ ଓ ସାହୁକାରଙ୍କ ଦ୍ୱାରା କୃଷକ ହେଉଥିବା ଶୋଷଣକୁ ବିରୋଧ କରି ସେ କୃଷକ ଆନ୍ଦୋଳନ କରିଥିଲେ। କୃଷକଙ୍କ ପ୍ରଗତି ପାଇଁ ସେ ଓଡ଼ିଶାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସମ୍ବିଧାନ ସଭାକୁ ସେ ଓଡ଼ିଶାରୁ ନିର୍ବାଚିତ ହୋଇ ଯାଇଥିଲେ। କିନ୍ତୁ ସେହି ବର୍ଷ ହିଁ ସେ ଗାନ୍ଧିଜୀଙ୍କ ସହ କାମ କରିବା ଲାଗି ଇସ୍ତଫା ଦେଇଥିଲେ। ସେ ଚାହୁଁଥିଲେ ଚାଷୀ, ଦଳିତ, ଆଦିବାସୀ ଓ ପିଲାଙ୍କ ପାଇଁ ପ୍ରତ୍ୟେକ୍ଷଭାବେ କାମ କରିବେ। ଏମରଜେନ୍ସି ସମୟରେ ରାଜ୍ୟର କାର୍ଯ୍ୟକଳାପକୁ ବିରୋଧ କରି ଜେଲ ବି ଯାଇଥିଲେ।


ସୁଚେତା କୃପାଳିନୀ

**ବିଜୟଲକ୍ଷ୍ମୀ ପଣ୍ଡିତ:** ବିଜୟଲକ୍ଷ୍ମୀ ପଣ୍ଡିତ ଜଣେ ଅଗ୍ରଣୀ ନୀତି ନିର୍ମାତା, ଆକ୍ଟିଭିଷ୍ଟ, ମନ୍ତ୍ରୀ, ଆମ୍ବାସାଡର ଓ ଡିପ୍ଲୋମାଟ୍ ଥିଲେ। ୧୯୦୦ ମସିହା ଅଗଷ୍ଟ ୧୮ତାରିଖ ପ୍ରୟାଗରାଜରେ ବିଜୟଲକ୍ଷ୍ମୀଙ୍କ ଜନ୍ମ। ତାଙ୍କ ଜନ୍ମ ନାମ ଥିଲା ସ୍ୱରୂପ ନେହେରୁ। ମୋତିଲାଲ ନେହେରୁଙ୍କ ଝିଅ ଓ ଜବାହର ଲାଲ ନେହେରୁଙ୍କ ଭଉଣୀ ସେ। ବିବାହ ହୋଇଥିଲା ରଞ୍ଜିତ ସୀତାରାମ ପଣ୍ଡିତଙ୍କ ସହ। ୧୯୩୭ରେ ସେ ଭାରତର ପ୍ରଥମ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଅନେକ ଥର ଜେଲ ଯାଇଥିଲେ। ୧୯୪୬ରେ ସେ ୟୁନାଇଟେଡ ପ୍ରୋଭିନ୍ସେସ୍‌ରୁ ସମ୍ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ସ୍ୱାଧୀନତା ପରେ ସେ ଡିପ୍ଲୋମାଟିକ ସର୍ଭିସ୍‌କୁ ପ୍ରବେଶ କରିଥିଲେ। ଆଉ ପର୍ଯ୍ୟାୟ କ୍ରମେ ସୋଭିଏଟ ୟୁନିୟନ, ଆମେରିକା, ଆୟର୍ଲାଣ୍ଡ ଓ ମେକ୍ସିକୋ ପାଇଁ ଭାରତର ଆମ୍ବାସାଡର ହୋଇଥିଲେ। ୧୯୫୩ରେ ସେ ପ୍ରଥମ ମହିଳା ଓ ଏକମାତ୍ର ଭାରତୀୟଭାବେ ୟୁଏନ ଜେନେରାଲ ଆସେମ୍ବ୍ଲିର ଅଧ୍ୟକ୍ଷ ହୋଇଥିଲେ। ପରେ ମହାରାଷ୍ଟ୍ରର ତୃତୀୟ ରାଜ୍ୟପାଳ ବି ହୋଇଥିଲେ।


ବିଜୟଲକ୍ଷ୍ମୀ ପଣ୍ଡିତ

**ଲିଲା ରୟ:** ଲିଲା ଜଣେ କଟ୍ଟରପନ୍ଥୀ ଭାରତୀୟ ରାଜନୀତିଜ୍ଞ, ସମାଜ ସୁଧାରକ, ସ୍ୱାଧୀନତା ସଂଗ୍ରାମୀ ଓ ଜଣେ ଚରମ ନାରୀବାଦୀ ଓ ସୁଭାଷ ଚନ୍ଦ୍ର ବୋଷଙ୍କର ନିକଟତମ ସହଯୋଗୀ ଥିଲେ। ୨ ଅକ୍ଟୋବର ୧୯୦୦ ମସିହାରେ ବଙ୍ଗୀୟ ପ୍ରାନ୍ତର ଗୋଲପାରା ଜିଲାରେ ଜନ୍ମିତା ଲିଲାଙ୍କୁ ଖାସ୍‌କରି ମହିଳାଙ୍କ ବିକାଶ ପାଇଁ କରିଥିବା କାମ ଲାଗି ମନେ ପକାଯାଏ। ବାଳିକା ସ୍କୁଲ ଖୋଲିବା ସହ ଆତ୍ମ ସୁରକ୍ଷା ତାଲିମକୁ ସେ ଗୁରୁତ୍ୱ ଦେଉଥିଲେ। ସେଥିପାଇଁ ୧୯୨୩ ମସିହା, ଢାକାରେ 'ଦୀପାଳି ସଙ୍ଘ' ନାମକ ବିଦ୍ରୋହ ସଂଗଠନ ଗଠନ କରିଥିଲେ। ସେ ଆଇନ ଅମାନ୍ୟ ଆନ୍ଦୋଳନରେ ଅଂଶ ଗ୍ରହଣ କରି ୬ ବର୍ଷ ଜେଲ ବି ଯାଇଥିଲେ। ୧୯୩୮ ରେ କଂଗ୍ରେସ ପ୍ରେସିଡେଣ୍ଟ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ସେ କଂଗ୍ରେସର 'ନ୍ୟାଶନାଲ ପ୍ଲାନିଂ କମିଟି' ପାଇଁ ମନୋନୀତ ହୋଇଥିଲେ। ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନ ସମୟରେ ସେ ଓ ତାଙ୍କ ସ୍ୱାମୀ ଗିରଫ ହୋଇଥିଲେ। ୧୯୪୬, ଡିସେମ୍ବର ୯ରେ ସେ ପଶ୍ଚିମ ବଙ୍ଗରୁ ସମ୍ବିଧାନ ପ୍ରଣୟନ ସଭାକୁ ନିର୍ବାଚିତ ହୋଇଥିଲେ। ସେ ଥିଲେ ସମ୍ବିଧାନ ସଭା ପାଇଁ ନିର୍ବାଚିତ ବଙ୍ଗ ପ୍ରାନ୍ତର ପ୍ରଥମ ମହିଳା। ହେଲେ କିଛି ମାସ ପରେ ଭାରତ ବିଭାଜନକୁ ବିରୋଧ କରି ସେ ଇସ୍ତଫା ଦେଇଥିଲେ। ୧୯୪୭ରେ ସେ ପଶ୍ଚିମ ବଙ୍ଗରେ ଭାରତୀୟ ମହିଳା ସଂଗଠନର ସ୍ଥାପନା କରିଥିଲେ।


ପୂର୍ଣ୍ଣିମା ବାନାର୍ଜୀ

ଦେଶର ନିର୍ମାଣ ଓ ଏହାକୁ ସୁଚାରୁରୂପେ ପରିଚାଳନା କରିବା ଲାଗି ଗଠନ ହୋଇଥିବା ସମ୍ବିଧାନରେ, ଏହି ମହିୟସୀ ମହିଳାମାନଙ୍କର ଥିବା ଅନନ୍ୟ ଅବଦାନ ହିଁ ସେମାନଙ୍କୁ 'ସମ୍ବିଧାନର ଜନନୀ'ର ଆଖ୍ୟା ଦେଇଛି।

– ଶିବାନୀ ମହାନ୍ତି

# ଗୀତି କବିତା ମୋତେ ସୁଖୀ ମଣିଷର ଅନୁଭବ ଦିଏ



ସ୍କୁଲ ବୟସରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ସମୟକ୍ରମେ ଗୀତିକବିତାରେ ମନୋନିବେଶ କଲେ। ତା'ସହିତ ଲେଖିଲେ ଶିଶୁଙ୍କ ପାଇଁ ଅନେକ ଲେଖା। ଏମିତିରେ ଦୀର୍ଘ ୫୫ବର୍ଷ ଧରି ସେ କଲମ ଚାଳନାକରି ସୃଷ୍ଟି କରିଛନ୍ତି ଅନେକ ଗୀତିକବିତା ଓ ଏକାଧିକ ପୁସ୍ତକ। ଆକାଶବାଣୀର ସେ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକବି। ସେ ହେଲେ ଗୀତିକବି **ପୀତାମ୍ବର ମିଶ୍ର**। ଜନ୍ମ-୨୦।୪।୧୯୫୦ରେ। ମାତା-ଜାହ୍ନବୀ ମିଶ୍ର, ପିତା ଈଶ୍ୱର ଚନ୍ଦ୍ର ମିଶ୍ର। ଘର ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାଗଦା ବିନାୟକପୁର ଗାଁରେ। ସେ କୁହନ୍ତି, "ମା'ବାପାଙ୍କର ମୁଁ ଏକ ମାତ୍ର ସନ୍ତାନ। ଆମର ଏକ ସାଧାରଣ ଯୌଥ ପରିବାର। ନନା ଗାଁରେ ଯଜମାନ କାମ କରୁଥିଲେ। ତାଙ୍କ ରୋଜଗାରରେ ଘର ଚଳୁଥିଲା। ମୋ ବୋଉ ମାଟିରେ ବିଭିନ୍ନ କଣ୍ଢେଇ ତିଆରି କରିଥାଏ। ପିଲାଟି ଦିନରୁ ସେ ସବୁ ଦେଖି ଆସୁଥିଲି। ଯାହା ଫଳରେ କଳାକାରିଗରି ପ୍ରତି ମୋ ମନରେ ଆପେ ଆପେ ଆଗ୍ରହ ସୃଷ୍ଟି ହେଲା। ଘରେ ବୋଉ ଯେତେବେଳେ ଭଜନ, ଜଣାଣ, ଛାନ୍ଦ, କବିତା ଆଦି ଗାଉଥିଲା ସେ ସବୁକୁ ଖୁବ୍ ମନ ଦେଇ ଶୁଣୁଥିଲି। ସେହି ପ୍ରେରଣାରେ ବୋଧ ହୁଏ ମୋ ଭିତରେ ଗୀତିକବିତା ଲେଖାବା ପାଇଁ ଆଗ୍ରହ ଆସିଲା। କବିତା ଲେଖିବାରେ ମୁଁ ଖୁବ୍ ଆନନ୍ଦ ପାଉଥିଲି। ତା'ସହିତ ପାଠ ପଢ଼ା ବି ଚାଲିଥିଲା। କିଆପଡା ପ୍ରାଥମିକ ବିଦ୍ୟାଳୟରେ ପାଠ ପଢା ଆରମ୍ଭ କରି ରାହାସବିହାରୀ ବିଦ୍ୟାମନ୍ଦିର, କମାର ଗାଁରେ ଏକାଦଶ ଯାଏଁ ପଢିଥିଲି। ସ୍କୁଲର ପ୍ରଧାନ ଶିକ୍ଷକ ବିକ୍ରମ କେଶରୀ ବର୍ମା ଯେତେବେଳେ ଜାଣିଲେ ମୁଁ ଲେଖାଲେଖି କରୁଛି ବୋଲି ସେ ଖୁବ୍ ପ୍ରଶଂସା କରିଥିଲେ। ସେ ସମୟରେ ଥରେ ଗାଁକୁ ଡ. ହରେକୃଷ୍ଣ ମହତାବ ଆସିଥିଲେ । ତାଙ୍କର ଏକ ଚିତ୍ରକୁ ଅଙ୍କନକରି ତାଙ୍କୁ ପ୍ରଦାନ କରିଥିଲି। ସେ ସେହି ଚିତ୍ରକୁ ଦେଖି ମୋତେ ବହୁତ ପ୍ରଶଂସା କରିଥିଲେ। ଆଉ ମୋତେ ଖଲ୍ଲିକୋଟ ଆର୍ଟ କଲେଜରେ ପଢ଼ିବାକୁ ପରାମର୍ଶ ଦେଲେ। ମାତ୍ର ସେତେବେଳେ ଶିଳ୍ପୀ ହେଲେ ରୋଜଗାର ହୋଇପାରିବ ନାହିଁ ବୋଲି ଗାଁର କେତେଜଣ କହିଲେ ଏଥିଯୋଗୁ ମୋ ମନରୁ ଚିତ୍ରକଳା ପ୍ରତି ଆଗ୍ରହ କମିଯାଇଥିଲା। ମୋର ପାଠ ପଢିବା ପାଇଁ ପ୍ରବଳ ଇଚ୍ଛା ଥିଲେ ମଧ୍ୟ ସେତେବେଳେ ଘରର ଆର୍ଥିକ ସଂକଟ ଯୋଗୁ ସ୍କୁଲରେ ମାସିକ ଦରମା ଦେବାରେ ଅସୁବିଧା ହେଉଥିଲା। ଏଥିଯୋଗୁ ଏକାଦଶ ପରେ ମୋର ପାଠ ପଢ଼ାରେ ଡୋରିବନ୍ଧା ହେଲା। କିନ୍ତୁ ଚିତ୍ର କରିବା କି କବିତା ଲେଖିବା ବନ୍ଦ ହୋଇ ନଥିଲା। ପଢିବାକୁ ମୁଁ ଖୁବ୍ ଭଲ ପାଉଥିଲି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କେତେକ ଲେଖା ଓ ବାଞ୍ଛାନିଧି ମହାନ୍ତିଙ୍କ କବିତା ପଢ଼ିବାକୁ ଭଲ ଲାଗୁଥିଲା। ଏହା ମୋତେ ବହୁତ ପ୍ରେରଣା ଦେଉଥିଲା। ସମୟକ୍ରମେ ତୂଳି ପରିବର୍ତ୍ତେ କଲମ ଧରିଲି। ଯେତେବେଳେ ମନକୁ ଆସୁଥିଲା କିଛି କିଛି କବିତା ଲେଖି ଦେଉଥିଲି; ଯାହା ଅନ୍ୟମାନଙ୍କୁ ଭଲ ଲାଗୁଥିଲା। ତେଣୁ ଗୀତିକବିତା ଲେଖିବା ମୋର ଜାରି ରହିଲା। ବିଭିନ୍ନ ସଭାସମିତି ଲାଗି ସ୍ୱାଗତ ସଙ୍ଗୀତ ଲେଖି ବହୁ ପ୍ରଶଂସା ବି ପାଉଥିଲି। ଗୀତିକବିତା ଲେଖିଲା ବେଳେ ଆଖି ଛଳଛଳ ହୋଇଯାଏ। ମୋ ମତରେ ଭାବାବେଗ ନ ରହିଲେ ଗୀତିକବିତା ହୋଇପାରେନା। ମୋ ପାଇଁ ଗୀତିକବିତା ଏକ ଆଧ୍ୟାତ୍ମିକ କାର୍ଯ୍ୟ! ଶିଶୁଙ୍କ କଥାକୁ ଅନୁଭବ କରି ସେମାନଙ୍କ ପାଇଁ ଲେଖେ। ଲେଖିଲାବେଳେ ନିଜକୁ ପିଲାପରି ମନେକରେ। ନିଜେ ପିଲାହୁଏ, ପିଲାର ମନ ନିଏ। ତା'ର ଅଭିଳାଷ, ତା'ର ଚାଲିଚଳଣିକୁ ଅନୁକରଣ କରେ ଆଉ ସେହି ହିସାବରେ ମୁଁ ଚିନ୍ତାକରେ। ଗୀତିକବିତାଟେ ଲେଖିଦେଲା ପରେ ମୋତେ ନିଜକୁ ସୁଖୀ ମଣିଷଟେ ପରି ଅନୁଭବ ହୁଏ। ମୋ ମତରେ ଯୁଗ ପରିବର୍ତ୍ତନ ହୁଏନି ବରଂ କାହାରି ମାନସିକତାରେ ପରିବର୍ତ୍ତନ ହୁଏ, କିଛି ପରିବର୍ତ୍ତନର ଭାବ ଆସେ। ଆମେ ବଦଳି ଯାଉଛେ। ଆଜିକାଲି ଅଧିକାଂଶ ମାତାପିତା ପିଲାଙ୍କ ପ୍ରତିଭାର ଉତ୍ସକୁ ବୁଝିବାର ଧୈର୍ଯ୍ୟ ରଖନ୍ତିନି। ଶିଶୁର ଅନ୍ତର୍ନିହିତ ଗୁଣର ବିକାଶରେ ବାଧା ଦିଅନ୍ତି । ନମ୍ବର ପାଇଁ ପ୍ରତିଯୋଗିତା ଚାଲେ। ଶିଶୁର ଚାରିତ୍ରିକ ଗଠନରେ ଅବହେଳା ହୁଏ। ଶିକ୍ଷାର ଅର୍ଥ- ଚରିତ୍ର ଗଠନ କରିବା, ସଦ୍‌ଭାବନା ଜାଗ୍ରତ ହେବା। ସେ ସବୁକୁ ମୋ କବିତା ଓ ଗୀତିକବିତାରେ ସ୍ଥାନ ଦେଇଥାଏ। ପଞ୍ଚମୂଲ୍ୟ ଉପରେ କିଛି ବାର୍ତ୍ତା ରହିଥାଏ। ବାସ୍ତବ ସତ୍ୟକୁ ନେଇ ସବୁବେଳେ ଲେଖିଥାଏ। ପିଲାମାନେ ଗୀତ ଶୁଣିବାକୁ ବେଶି ଭଲ ପାଆନ୍ତି। ସରଳ ସୁନ୍ଦର ଭାଷା ବୁଝନ୍ତି। ତେଣୁ ସେହି ହିସାବରେ ମୁଁ ଲେଖନୀ ଚାଳନା କରେ। ଗୀତିକବିତାରେ ବିନ୍ଦୁ ମଧ୍ୟରେ ସିନ୍ଧୁର ଦର୍ଶନ ବାରି ହୁଏ। ଭଗବାନ ସତ୍ୟସାଇଙ୍କ ଆଶ୍ରିତ ହୋଇ ଜୀବନର ଚଲାପଥରେ ସମାଜସେବା ମନୋଭାବ ନେଇ କାମ କରୁଛି; ଯାହା ମୋତେ ଖୁବ୍ ଆନନ୍ଦ ଦେଉଛି। ବର୍ତ୍ତମାନ ଶ୍ରୀସତ୍ୟସାଇ ପୁସ୍ତକ ପ୍ରକାଶନ ନ୍ୟାସର ଜଣେ ସଦସ୍ୟ ଭାବରେ ସେବା କରୁଛି।"











ପୀତାମ୍ବରଙ୍କ ପରିବାର କହିଲେ ଧର୍ମପତ୍ନୀ, ଦୁଇଟି ପୁଅ ଓ ଗୋଟିଏ ଝିଅ। ତାଙ୍କ ପୁସ୍ତକ ମଧ୍ୟରେ 'ପୂଜା ଧୂପ', 'ପଢ଼ିଲେ ଜାଣିବା', 'ଗୀତାଞ୍ଜଳି' ଆଦି ୫ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇସାରିଛି। ଆକାଶବାଣୀର ଶିଶୁ ବିଭାଗ ପାଇଁ ସଙ୍ଗୀତ ରୂପକ ମାଟି ଆମର ମାଆ, ଆରେ ମେଘ ଆ, ଗୁଣ୍ଡୁଚି ମୂଷାରେ ଗୁଣ୍ଡୁଚି ମୂଷା, ବାଇଚଢ଼େଇରେ ବାଇଚଢ଼େଇ, ତିନି ହେ ତିନିଙ୍କୁ ବଳି, ଆମ ଘର ଆମ ମନ୍ଦିର, ମଣିଷଭାଇ, ମୁଁ ବ୍ରାହ୍ମଣୀ କହୁଛି ଏବଂ ସଙ୍ଗୀତ ବିଭାଗରେ ଡାକ ମୁନ୍‌ସୀ ଓ ପ୍ରତିରୂପ ସଙ୍ଗୀତ ରୂପକ ଭାବେ ପ୍ରସାରିତ ହୋଇଛି। ସେହିପରି ପଢ଼ାବହି, ଆରେବନ୍ଧୁ, ଦୁନିଆ ମଞ୍ଚରେ, ମୁଁ ସେ ତନ୍ଦ୍ରା ବିଭୋର, ଏ ଜୀବନ ଅଟେ ସାପଶିଡ଼ି ଖେଳ, ବଜାଇ ଦିଅହେ ତୁମ ଡମ୍ବରୁ ଆଦି ଗୀତିକବିତା ସଙ୍ଗୀତ ରୂପକ ହୋଇପାରିଛି। ତାଙ୍କ ସୃଜନଶୀଳତା ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ କବି ବାଞ୍ଛାନିଧି ସ୍ମୃତି ସମ୍ମାନ ସମେତ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ବହୁ ପୁରସ୍କାର ଓ ସମ୍ମାନ। ପୁରସ୍କାର ଭାବେ ସୁନା ଭଉଣୀ ଶିଶୁ ସାହିତ୍ୟ ସମ୍ମାନ, ଅନ୍ୱେଷା ସାହିତ୍ୟ ସଂସଦ, ବିଭାବନା ସାରସ୍ୱତ, ଅସ୍ତରାଗ ସାହିତ୍ୟ ସଂସ୍କୃତି ସମ୍ମାନ, ଏଭର ଗ୍ରୀନ୍ ସିଟିଜେନ ସମ୍ମାନ, ଭଦ୍ରକ ଜିଲା ମହୋତ୍ସବ, ରାଗରଙ୍ଗ କବିତା ସମ୍ମାନ, ଚରମ୍ପା ସାହିତ୍ୟ ସଂସଦ, ୨୦୧୮ରେ ଓଡ଼ିଆ ଗୀତିକବି ସମାଜ ବିନୋଦିନୀ ପଟ୍ଟନାୟକ ଗୀତିକବି ସମ୍ମାନ ଆଦି ଅନେକ ପୁରସ୍କାର ସମ୍ମାନ ମିଳିଛି। ପୀତାମ୍ବରଙ୍କ ମତରେ, ସେ ଆଜି ଯେଉଁ ସ୍ଥାନରେ ପହଞ୍ଚି ପାରିଛନ୍ତି, ତାହା କେବଳ ତାଙ୍କ ପିତାମାତା ଓ ଗୁରୁଜନଙ୍କର ଆର୍ଶୀବାଦ ଏବଂ ଭଗବାନ ଶ୍ରୀସତ୍ୟସାଇଙ୍କର ଅହେତୁକ କଲ୍ୟାଣ ଯୋଗୁଁ ସମ୍ଭବ ହୋଇପାରିଛି ।

*-ବନବିହାରୀ ବେହେରା*





# ସଙ୍ଗୀତ

– ପବିତ୍ର ମୋହନ ଦାଶ

(୧)
**ବେ**ହେଲାରେ ବଜାଅ ମୋର ବିଷାଦ
ମୁଁ ଟିକେ ହସେ
ହୋଇ ନିଶବଦ ।
(୨)
ଝଡ଼ ଫେରି ଗଲାଣି
ଦେଇ ସାରି ସଙ୍ଗୀତ ନିର୍ଦ୍ଦେଶନା
ମୋତେ ଛାଡୁ ନାହିଁ ତା'ର ନିଶା,ଉନ୍ମାଦନା ।
(୩)
ବୈରାଗ୍ୟର ଆଙ୍ଗୁଠି ମୋର
ବଜାଏ ଖଞ୍ଜଣି
ତା ଉପରେ ଅନୁରାଗ ହୋଇ
ଖେଳୁ ଦୁଇ ଗିନି ।
(୪)
ତମେ ପ୍ରସ୍ତୁତ ରଖ କାନ
ଶୁଣିବାକୁ ନାଦ
ମୁଁ ବଂଶୀରେ ଧରି ରଖିବାକୁ ଚାହେଁ ସମୁଦ୍ର ।
(୫)
ଜଙ୍ଗଲ ଭିତରେ ବାଟବଣା ହୋଇ
ଚୁପ ପଡିଛି ସ୍ୱର
ଯାଅ ପବନ–ସନସନ ତାକୁ ମୁକ୍ତ କର ।
–––

*–ଇଂରାଜୀ ବିଭାଗ,*
*ଶାସ୍ତ୍ରୀସ୍ମୃତି ଡ଼ିଗ୍ରୀ ମହାବିଦ୍ୟାଳୟ,*
*ବାଲିପୁଟ,ପୁରୀ–୭୫୨୦୪୫,*
*ମୋ: ୯୪୩୭୨୦୭୫୪୮*

# ଫୁଟ୍‌ପାଥ୍‌ରେ ଶୀତ

– ବିଜୟଲକ୍ଷ୍ମୀ ନାୟକ

**ସେ**ଇ ଫୁଟ୍‌ପାଥ୍‌ରେ ହିଁ ଜନ୍ମ ନେଇଥିଲା ସପନା । ସହରର ଏ ଗଳିରୁ ସେ ଗଳି ତା' ବଡ଼ ଭଉଣୀ ପଛେ ପଛେ ଯାଏ । ରାମ ମନ୍ଦିର ଯାଇ ହାତ ପତେଇ ଟଙ୍କା ମାଗେ । କିଛି ପାଇଲେ ଆଣି ମାଆକୁ ଦେଇଦିଏ । ବେଳେ ବେଳେ ରାସ୍ତାକଡ଼ରେ ଠିଆହୁଏ । ପିଲାମାନେ ସ୍କୁଲ୍ ବସରେ କି ବାଇକ୍ ପଛରେ ଯାଉଥିବାର ଦେଖିଲେ ଭାବେ ସେ କାହିଁକି ଏତେ ଦିନ ଧରି ମଇଳା ଡ୍ରେସ୍ ପିନ୍ଧି ବୁଲୁଛି ! ତା' ମାଆକୁ କୁହେ ମାଆ ମୁଁ ସ୍କୁଲ୍ ଯିବି । ଆଉ ଭିକ ମାଗିବିନି । କେତେ କଥା ଶୁଣେଇ ଦେଉଛନ୍ତି ଲୋକମାନେ । କିଏ କିଏ ବଡ଼ ପାଟିରେ ଗାଳିଗୁଲଜ କରୁଛନ୍ତି ମାଗିଖିଆ ଟୋକା କହି । ଆଣ୍ଠୁ ଗଣ୍ଠି ଯନ୍ତ୍ରଣାରେ ଚାଲି ପାରୁନି ଅଞ୍ଜନା – ସପନାର ମାଆ । ପୁଅକୁ ପାଖକୁ ଟାଣି ଆଣି କୁହେ, 'ଧନରେ ତତେ ଏମିତି ଦୁଃଖ କୋଉ ମାଆ ଦେବାକୁ ଚାହିଁବ ? ମୁଁ ବି ଚାହେଁ ତୁ ପାଠ ପଢ଼ନ୍ତୁ ବଡ଼ ମଣିଷ ହୁଅନ୍ତୁ ଆମର ଦୁଃଖ ଯାଆନ୍ତା । ରୁହନ୍ତେନି ଏଇ ଫୁଟ୍‌ପାଥରେ । ଦେଖୁଛ ତ କେତେ ହାଡ଼ଭଙ୍ଗା ଶୀତ ହେଉଛି । କେତେବେଳେ ଯେ ଜାଡ଼ ସନିପାତରେ ଆମ ଜୀବନ ଚାଲିଯିବ କିଏ ଜାଣିଛି । ସକାଳର ଖରା ଆସିଲେ ସତରେ ଜୀବନ ପଶେ ଅଞ୍ଜନା ଦେହରେ । ଗୋଟେ ଘର ହୁଅନ୍ତା । ପିଲା ଦୁହିଁଙ୍କୁ ଧରି ସେ ଏତେ କଷ୍ଟ ଭୋଗନ୍ତା ନାହିଁ ଭାବେ । ଗାଁରେ ଘର ଅଛି ଯେ ଏବେ ମାଟିରେ ମିଶି ଯିବଣି । ଭାଇଭଗାରି ମଡ଼େଇ ଦେବେନି ଭିଟାମାଟିରେ । ବର୍ଷା ବାତ୍ୟାରେ ଚାଳଛପର ଘର ଥିବ ଅବା କୋଉ !

ବୋପା ଟ୍ରଲି ନେଇଯାଏ ଯେ କେବେ ଫେରେ କେବେ ଫେରେନି । ମଦ ପିଇ କୋଉଠି ଶୋଇଯାଏ । କ'ଣ କରିବ ଅଞ୍ଜନା ! ଡାଇବେଟିସ୍ ଦେହରେ ନିଜ ଘର କାମକୁ ପାରୁନି ଆଉ କାହା ଘର କାମ ଧରିବ କ'ଣ ! ଭାଗ୍ୟ । ପିଲାଟା ପଢ଼ିବାକୁ ଚାହୁଁଚି ପଢ଼େଇ ହେଉଛି କେଉଁଠି ? ଭଉଣୀ ସହ ବୁଲି ଚାଲି କିଛି ଯାହା ମାଗି ଆଣୁଛି ଘର ଚଳି ଯାଉଛି ।

ଦିନେ ସପନା ଏମିତି ଫେରୁଛି ଦେଖିଲା ତା' ମାଆ ପାଖରେ ଖୁବ୍ ଭିଡ ଲାଗିଛି ହଠାତ୍ କିଛି ବୁଝିପାରିଲାନି । ଡରି ଡରି ପାଖକୁ ଯାଇ ଲୋକଙ୍କୁ ଆଡ଼େଇ ଦେଖିଲା, ଜଣେ ଲୋକ ବଡ଼ କ୍ୟାମେରାଟିଏ ଧରି ଠିଆ ହୋଇଛି ଆଉ ଗୋଟେ ଲୋକ କେତେ କଥା କହି ଯାଉଛି । କିଛି ବୁଝିପାରିଲାନି ସପନା ସେହି ସବୁ କଥା । ତା' ମାଆକୁ ଖୋଜୁ ଖୋଜୁ ଦେଖିଲା ତା' ମାଆ ହସୁଛି ଗୋଟିଏ କଡ଼ରେ ଭିଡ଼ ଭିତରେ । ଗୋଟେ ଲୋକ ଆସି ତାକୁ ଗାଢ଼ ଲାଲ ରଙ୍ଗର କମ୍ବଳ ଘୋଡ଼େଇ ଦେଇ କହୁଛି 'ଶୁଣ ମାଉସୀ ତୁମେ ଟିକେ କାନ୍ଦି କି ହେଉ କି ହସିକି ମତେ ଆଶୀର୍ବାଦ କର ।' ଅଞ୍ଜନାର ହାତକୁ ଭିଡି ନେଉଥାଏ ସେ ଲୋକ ତା' ମଥା ଉପରକୁ । ସେତେବେଳେ ସପନା ମାଡ଼ିଗଲା ତା' ମାଆ ଆଡ଼କୁ । ପାଖରେ ଥିବା ଲୋକଟି ହାତ ଧରି ବାହାର କରିଦେଲା ତାକୁ ଆଉ କହିଲା, 'ଦେଖି ପାରୁନୁ, ଶୁଟିଂ ଚାଲିଛି କ'ଣ ପଶି ଆସୁଛୁ ?'

ମୁହଁ ଶୁଖିଗଲା ସପନାର । ତା'ର ମୁହଁ ଟିକେ ଦିଶିଥାନ୍ତା ପରା କ୍ୟାମେରାରେ । ସେମାନେ ସବୁ ଫେରିଗଲା ବେଳକୁ କହୁଥିଲେ ତାଙ୍କ ତାଙ୍କ ଭିତରେ ଯେ ଭିଡିଓ ବହୁତ ଭାଇରାଲ ହେବ । ଭାଇରାଲ କ'ଣ ସେ ଜାଣି ପାରୁ ନ ଥିଲା ।

କମ୍ବଳଟିକୁ ଧରି ଖୁସି ଥିଲା ଅଞ୍ଜନା । ଫୁଟ୍‌ପାଥ୍‌ରେ ଥରି ଥରି ଶୋଇଲା ବେଳେ କାମରେ ଲାଗିବ ଏବେ । ଦୁଇ ପିଲା ସପନା ଓ ଅଞ୍ଜଳି କମ୍ବଳ ଖଣ୍ଡକ ଟଣାଟଣି ହୋଇ ଘୋଡ଼ିହୋଇ ଖୁସି ହେଉଥିଲାବେଳେ ରାଜଧାନୀରେ ରାତି ବହଳ ହୋଇ ଆସୁଥିଲା । ଅଞ୍ଜଳି ଓ ସପନାକୁ କମ୍ବଳ ଖଣ୍ଡକ ଦେଇ ନିଜେ ପାଖକୁ ପୁରୁଣା ଛିଣ୍ଡା କମ୍ବଳ ଖଣ୍ଡେ ଘୋଡ଼ି ହୋଇ ଶୋଇଲା । ହଠାତ୍ ଗାଡ଼ି ଲାଇଟରେ ଚାହିଁଲା ଅଞ୍ଜନା । ଦୁଇଜଣ ଲୋକ ଧପାଧପ ମାଡି ଆସିଲେ ସେମାନଙ୍କ ଆଡ଼େ । ମୁହଁ ଘୋଡ଼େଇ ଶୋଇଛନ୍ତି ଅଞ୍ଜଳି ଓ ସପନା । କମ୍ବଳ ବି ଡାଙ୍କି ପାରୁନି ଶୀତର ପ୍ରକୋପ । ଗୋଟେ ଲୋକ ଅଞ୍ଜଳି ଆଡ଼କୁ ମାଡ଼ି ଆସୁଥିବାର ଦେଖି ଚିତ୍କାର କରିଉଠିଲା ସେ ଭୟରେ । ସେହି ଦୁଇଜଣ ଲୋକ ବିଜୁଳିବେଗରେ ଚାଲିଗଲେ ଯେମିତି ଆସିଥିଲେ ।

ଆଖିରେ ନିଦ ନ ଥିଲା ଅଞ୍ଜନାର । ଏଇ ମାସେ ତଳେ ଝିଅ ବଡ଼ପିଲା ହେଇଛି । ସମସ୍ତଙ୍କ ନଜରରେ ଆଗେ ଆସିଯିବ ସେ । କାହାର ବିଷାକ୍ତ ନଜରରୁ ଝିଅକୁ ବଞ୍ଚେଇବାକୁ କେଉଁ କମ୍ବଳ ଏବେ ଦରକାର ତାକୁ ! କାନ୍ଦ ଲାଗୁଥିଲା ତାକୁ । ଏତେ ଶୀତରେ ବି ଅଞ୍ଜନାର ଦେହରୁ ଗମ୍‌ଗମ୍ ଝାଳ ବହିଯାଉଥିଲା ।

*–ଭାଟସାହି, ବାହାଡ଼ାଖୋଲା, ନୟାଗଡ଼*
*ମୋ: ୭୬୦୫୯୭୫୩୧୫*




ଦୀପିକା


ଅମ୍ଳାନ

# ଶିକାର

ନୂଆ ବର୍ଷରେ ଏକ ନୂଆ ସିନେମାର ଟାଇଟଲ ଘୋଷଣା କରାଯାଇଛି। ଓଲିଉଡ୍‌ର ଆଗଧାଡିର ପ୍ରଯୋଜକ ଶଚ୍ଚିକାନ୍ତ ଜେନା ଏହାର ପ୍ରଯୋଜନା କରୁଛନ୍ତି। ମୁନ୍ ଟିଭି ମୁଭିଜ ଏବଂ ପ୍ରକାଶ ବେହେରା ଫିଲ୍ମସ ବ୍ୟାନରରେ ତଥା ସିଦ୍ଧାର୍ଥ ମ୍ୟୁଜିକ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯିବ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ମୃତ୍ୟୁଞ୍ଜୟ ସାହୁ (ବାପି)। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଏକ ପରିବାରର ହତ୍ୟାକାଣ୍ଡ ଘଟିଯାଇଛି। ତେବେ କିଏ, କାହିଁକି ହତ୍ୟା କଲା ତାହା ଜଣାପଡୁନି। ଏହା ପଛରେ କାହାର ହାତ ରହିଛି। ଏହି ରହସ୍ୟମୟ ଘଟଣାରେ କେତୋଟି ଚରିତ୍ର ଶିକାର ହୋଇଛନ୍ତି। ଅସଲ ଶିକାରୀ କିଏ ? କ'ଣ ପାଇଁ ସେ ଏଭଳି ନାରକୀୟ କାଣ୍ଡ ଭିଆଇଛି ? ଏସବୁର ଉତ୍ତର ସିନେମାରେ ରହିଛି। କାହାଣୀରେ ପାରିବାରିକ ଛିଟା ମଧ ଅଛି। ତେବେ ଏଭଳି ଏକ ବିଷୟବସ୍ତୁକୁ ନେଇ ଏହାର କାହାଣୀକାର ପ୍ରିୟବ୍ରତ କହନ୍ତି, ''ରହସ୍ୟ ରୋମାଞ୍ଚରେ ଭରା ଏହି ଚଳଚ୍ଚିତ୍ରର କାହାଣୀ। କିଏ ଆସି କାହିଁକି ହତ୍ୟା କରୁଛି ତାହା ଜଣାପଡୁନି। ହେଲେ ଶେଷରେ ଏହାର ପର୍ଦ୍ଦାଫାଶ ହେଉଛି ତ ! ମୋର ଆଶା ଏଭଳି ଏକ ଭିନ୍ନ ଧରଣର କାହାଣୀ ଦର୍ଶକଙ୍କୁ ନିଶ୍ଚୟ ମନୋରଞ୍ଜନର ଖୋରାକ ଯୋଗାଇବ।'' ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। କୋରିଓଗ୍ରାଫିର ଦାୟିତ୍ୱ ତୁଲାଇବେ ଅମିତ ନାୟକ। ଏହାର ସିନେମାଟୋଗ୍ରାଫର ଅଛନ୍ତି ପ୍ରତାପ ରାଉତ। ଫିଲ୍ମଟିର ମୁଖ୍ୟ ଭୂମିକାରେ ଅମ୍ଳାନ, ଏଲିନା ସାମନ୍ତରାୟ, ସୁପ୍ରିୟା ଏବଂ ଅଙ୍କିତ ଅଭିନୟ କରିବେ। ଚଳିତ ମାସ ୨୭ରେ ଏହାର ଶୁଟିଂ ଆରମ୍ଭ ହେଉଛି ଏବଂ ଏବର୍ଷ ରଜରେ ଚିତ୍ରଟି ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ବାପା-ଝିଅଙ୍କ ଯୋଡି

ବହୁ ପ୍ରତୀକ୍ଷିତ ହିନ୍ଦୀ ସିନେମା 'କିଙ୍ଗ୍' ଚଳିତ ବର୍ଷ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଶାହରୁଖ ଖାନ୍ ଏହାର ନାୟକ ସାଜିଥିବା ବେଳେ ତାଙ୍କର ଝିଅ ସୁହାନା ମଧ ଏଥିରେ ଅଭିନୟ କରିଛନ୍ତି। ଏକ ଆକ୍ସନ-ଥ୍ରୀଲର କାହାଣୀକୁ ଆଧାର କରି ଉକ୍ତ ସିନେମାକୁ ନିର୍ମାଣ କରାଯାଇଛି। ଅର୍ଥାତ୍, ଏଥିରେ ଦର୍ଶକ ଶାହରୁଖଙ୍କ ଆକ୍ସନ ଅବତାର ଦେଖିବାକୁ ପାଇବେ। ୧୯୯୪ ମସିହାରେ ରିଲିଜ ହୋଇଥିବା 'ଲିଓନ୍-ଦ ପ୍ରଫେଶନାଲ'କୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି। ଜଣେ ପ୍ରଫେଶନାଲ କିଲର୍ ଏବଂ ଜଣେ ଯୁବତୀକୁ ନେଇ କାହାଣୀ ଗତି କରିଛି। ଏ ବିଷୟରେ ଶାହରୁଖ କହନ୍ତି, ''ଏହି ରୋଲ୍‌କୁ ତୁଲାଇବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଏହାର ପିକ୍ଚରାଇଜେଶନ ସମୟରେ ସବୁ ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି। ଆଶା ରଖିଛି ଫିଲ୍ମଟି ଦର୍ଶକଙ୍କୁ ଶତପ୍ରତିଶତ ମନୋରଞ୍ଜନ ଯୋଗାଇବ। ଶାହରୁଖଙ୍କ ହୋମ୍ ବ୍ୟାନର ରେଡ୍ ଚିଲିଜ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ପ୍ରଥମେ ଏହାର ନିର୍ଦ୍ଦେଶନା ସୁଜୟ ଘୋଷ ଦେଉଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହି ଦାୟିତ୍ୱ ସିଦ୍ଧାର୍ଥ ଆନନ୍ଦ ତୁଲାଇଛନ୍ତି। ଉକ୍ତ ବିଗ୍ ବଜେଟ୍ ଫିଲ୍ମର ବିଭିନ୍ନ ଭୂମିକାରେ ଅଭିଷେକ ବଚ୍ଚନ, ଅଭୟ ବର୍ମା, ରାଣୀ ମୁଖାର୍ଜୀ ଏବଂ ଦୀପିକା ପାଦୁକୋନ୍ ପ୍ରମୁଖ ଅଭିନୟ କରିଛନ୍ତି।


ସୁହାନା-ଶାହରୁଖ

# ୟାମିଙ୍କ ପ୍ରଶଂସାରେ ଆଲିଆ

ଆଲିଆ ଭଟ୍ଟ ଏବେ ୟାମି ଗୌତମଙ୍କ ପ୍ରଶଂସାରେ ଶତମୁଖ। କାରଣ କ'ଣ ଜାଣନ୍ତି ? ୟାମିଙ୍କ ଅଭିନୀତ 'ହକ୍' ଦେଖିସାରିବା ପରେ ଆଲିଆ ତାଙ୍କ ଫ୍ୟାନ ହୋଇଯାଇଛନ୍ତି। ଚଳଚ୍ଚିତ୍ରରେ ତାଙ୍କ ଭୂମିକାକୁ ସେ ଭୂରି ଭୂରି ପ୍ରଶଂସା କରୁଛନ୍ତି। ଏପରିକି ତାଙ୍କୁ ଫୋନ୍ ଦ୍ୱାରା ମଧ ଅଭିନନ୍ଦନ ଜଣାଇଥିଲେ। ଏ ବିଷୟରେ ଆଲିଆ କହନ୍ତି, ''ୟାମି ଜଣେ ଦକ୍ଷ ଅଭିନେତ୍ରୀ। ଯେକୌଣସି ଭୂମିକା ହେଉ ତାହାକୁ ତୁଲାଇବାରେ ସେ ବେଶ୍ ସିଦ୍ଧହସ୍ତ। ଏହାର ଅନ୍ୟତମ ଉଦାହରଣ ହେଉଛି 'ହକ୍'। ଏଥିରେ ତାଙ୍କର ଅଭିନୟ ଦେଖିବା ପରେ କେବଳ ମୁଁ ନୁହେଁ, ଯେକେହି ବି ୟାମିଙ୍କୁ ପ୍ରଶଂସା ନ କରି ରହିପାରିବେ ନାହିଁ। ଫିଲ୍ମଟି ଦେଖିବା ପରେ ତାଙ୍କ ସହ ମୁଁ ଫୋନ୍‌ରେ କଥା ହୋଇଥିଲି। ଏଭଳି ରୋଲ୍‌ଟିକୁ ଠିକ୍ ଭାବରେ ତୁଲାଇ ଦର୍ଶକଙ୍କ ମନ ଜିଣିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଥିଲି।'' ୧୯୯୯ରେ ଜଣେ ଶିଶୁ କଳାକାର ଭାବରେ ଆଲିୟା ଅଭିନୟ ଆରମ୍ଭ କରିଥିଲେ ଆଉ ଫିଲ୍ମଟି ଥିଲା 'ସଂଘର୍ଷ'। ଏଥିରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଦେଖାଦେଇଥିଲେ। ୨୦୧୨ରେ କରନ୍ ଜୋହରଙ୍କ ନିର୍ଦ୍ଦେଶିତ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଥିଲା। ଏବେ ନିର୍ମାଣାଧୀନ 'ଆଲଫା' ଏବଂ 'ଲଭ୍ ଆଣ୍ଡ ଓ୍ୱାର୍'ରେ ସେ ଅଭିନୟ କରିଛନ୍ତି।


ଆଲିଆ

# ମନେ ପକାନ୍ତି ଦୀପିକା

ଦୀପିକା ପାଦୁକୋନ୍ ଏବେ ତାଙ୍କର ଯୁବାବସ୍ଥାର କିଛି ଘଟଣାକୁ ମନେ ପକାଉଛନ୍ତି। କଥା କ'ଣ କି ଅଭିନୟ କରିବା ପୂର୍ବରୁ ସେ ଜଣେ ବ୍ୟାଡମିଣ୍ଟନ ଖେଳାଳି ଥିଲେ। ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳି ପ୍ରକାଶ ପାଦୁକୋନ୍‌ଙ୍କର ଏହି କନ୍ୟା ଜାତୀୟ ସ୍ତରରେ ବ୍ୟାଡମିଣ୍ଟନ ଖେଳି ସାରିଛନ୍ତି। ଦୀପିକା ଡେନମାର୍କରେ ଜନ୍ମଗ୍ରହଣ କରିଥିଲେ। ୨୦୦୬ରେ ସେ କନ୍ନଡ ଫିଲ୍ମ 'ଐଶ୍ୱର୍ଯ୍ୟା'ରୁ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ବଲିଉଡ୍‌ରେ ତାଙ୍କର ଦମଦାର ଏଣ୍ଟ୍ରି ହୋଇଥିଲା ଗୌରୀ ଖାନ୍‌ଙ୍କ ପ୍ରଯୋଜିତ ଏବଂ ବିଶିଷ୍ଟ କୋରିଓଗ୍ରାଫର ଫରହା ଖାନ୍‌ଙ୍କ ନିର୍ଦ୍ଦେଶିତ 'ଓମ୍ ଶାନ୍ତି ଓମ୍'ରୁ। ସେଥିରେ ସେ ଶାହରୁଖ ଖାନ୍‌ଙ୍କ ନାୟିକା ସାଜିଥିଲେ। କେବଳ ସେତିକି ନୁହେଁ ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଦୀପିକା କହନ୍ତି, ''ଅଭିନୟକୁ କ୍ୟାରିୟର କରିଥିଲେ ମଧ ଏବେବି ମୋର ପିଲାଦିନ ତଥା ଯୁବାବସ୍ଥାର ଅନେକ ରୋଚକ କଥା ମନେପଡେ। ସେତେବେଳେ ମୁଁ ଜଣେ ଜାତୀୟସ୍ତରରେ ବ୍ୟାଡମିଣ୍ଟନ ଖେଳାଳି ଥିଲି। ଏବେ ମଧ ସମୟ ମିଳିଲେ ମୁଁ ବ୍ୟାଡମିଣ୍ଟନ ଖେଳିବାକୁ ଭୁଲି ନ ଥାଏ।'' ଦୀପିକାଙ୍କ ଅଭିନୀତ ଶେଷ ଫିଲ୍ମ 'ସିଙ୍ଘମ ଏଗେନ୍' ୨୦୨୪ରେ ରିଲିଜ ହୋଇଥିଲା। ଏବେ ତାଙ୍କ ଅଭିନୀତ 'କିଙ୍ଗ୍'ର ମୁଖ୍ୟ ନାୟକ ବି ଅଛନ୍ତି ଶାହରୁଖ।

# ଭାଗ୍ୟବତୀ ଭୂମି

ଭୂମି ପେଡେନକରଙ୍କ ଖୁସି କହିଲେ ନ ସରେ। ଚଳିତ ବର୍ଷ ତାଙ୍କ ଅଭିନୀତ 'ଦଲ୍‌ଦଲ୍' ରିଲିଜ ହେବାକୁ ଯାଉଛି। ହେଲେ ଏହାସହ ଆହୁରି ଏକ ଖୁସି ଲୁଚି ରହିଛି। କଥା କ'ଣ କି ଏହି ଫିଲ୍ମର ପ୍ରଯୋଜକ ତାଙ୍କର ଆଗାମୀ ଦୁଇଟି ଫିଲ୍ମରେ ବି ଭୂମିଙ୍କୁ ନାୟିକା କରିବାକୁ ଯାଉଛନ୍ତି। ଆଉ ଏକଥା ଜାଣିବା ପରେ ତାଙ୍କର ଗୋଡ ଆଉ ତଳେ ଲାଗୁନି। ନୂଆବର୍ଷ ପ୍ରାରମ୍ଭରେ ଏଭଳି ନୂଆ ଅଫର ଭୂମିଙ୍କ ଖୁସିକୁ କେମିତି ବା ଦ୍ୱିଗୁଣିତ ନ କରିବ କହୁନାହାନ୍ତି ? ଏ ବିଷୟରେ ସେ କହନ୍ତି, ''ମୋ ଅଭିନୀତ 'ଦଲ୍‌ଦଲ୍'ର ଟିଜର୍ ରିଲିଜ ହେବାବେଳେ ଏହାର ପ୍ରଯୋଜକ ଘୋଷଣା କଲେ ଯେ, ତାଙ୍କର ଆଗାମୀ ଦୁଇଟି ସିନେମାରେ ବି ମୁଁ ନାୟିକା ଭୂମିକା ହେବି। ଏକଥା ଜାଣିବା ପରେ ତାଙ୍କୁ ପ୍ରଶଂସା କରିବାକୁ ମୋ ନିକଟରେ ଭାଷା ନାହିଁ। 'ଦଲ୍‌ଦଲ୍' ଫିଲ୍ମରେ ମୋତେ ଏକ ଭିନ୍ନ ଧରଣର ଭୂମିକା ମିଳିଛି, ଯାହାକୁ ଦର୍ଶକ ପରଦା ଉପରେ ଦେଖିଲେ ଜାଣିପାରିବେ। ଅବଶ୍ୟ ଏହା ଭିତରେ ମୋତେ ଆଉ କେତୋଟି ଅଫର୍ ମିଳିଥିଲା। କିନ୍ତୁ ସେଗୁଡିକର କାହାଣୀ ମୋର ପସନ୍ଦ ଆସି ନ ଥିଲା, ତେଣୁ ବାଧ ହୋଇ ସେହି ଅଫର୍‌ଗୁଡିକୁ ହାତଛଡା କରିଥିଲି। ହେଲେ ଏବେ ଯେଉଁ ନୂଆ ଅଫର ଦ୍ୱୟ ରହିଛି ସେଥିରେ ମୋତେ ନିଶ୍ଚୟ ମନଲାଖି ଭୂମିକା ମିଳିବ।'' ତେବେ ଏହି ଫିଲ୍ମଗୁଡିକ ଭୂମିଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ଭୂମି


କିଆରା

# ସ୍ୱପ୍ନ ହେବ ସତ!

କଥାରେ ଅଛି-ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଅବଶ୍ୟ ୟା' ଭିତରେ ସେ ଅନେକ ସିନେମାରେ ଅଭିନୟ କରିସାରିଲେଣି। ପୁଣି ଭିନ୍ନ ଭିନ୍ନ ଭୂମିକାରେ ସେ ଦର୍ଶକଙ୍କ ସାମନାକୁ ଆସିଛନ୍ତି। ହେଲେ ଏବେ ତାଙ୍କର ଆଉ ଏକ ଆଶା ପୂରଣ ହେବାକୁ ଯାଉଛି। ହେଲେ ଅସଲ କଥା ଜାଣିବା ପୂର୍ବରୁ ଏଠାରେ କାହା ବିଷୟରେ ସୂଚନା ଦିଆଯାଉଛି ତାହା ଜାଣିବେନି ? ସେ ହେଲେ କିଆରା ଆଡଭାନୀ। ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ନିଜ ଫିଲ୍ମରେ ଅଭିନୟ କରିବାକୁ ଅଫର୍ ଦେଇଛନ୍ତି। ହେଲେ ଏଥିରେ ତାଙ୍କୁ ଜଣେ ଶିକ୍ଷୟିତ୍ରୀ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏ ବିଷୟରେ କିଆରା କହନ୍ତି, ''ଏହା ହେଉଛି ମୋର ଡ୍ରିମ ରୋଲ୍। କାରଣ ଅଭିନୟ କରିବା ପୂର୍ବରୁ ମୁଁ ଏକ ସ୍କୁଲରେ କିଛି ଦିନ ଶିକ୍ଷୟିତ୍ରୀ ଭାବରେ କାମ କରିଥିଲି। ଯେତେବେଳେ ଆକ୍ଟିଂକୁ କ୍ୟାରିୟର କଲି ସେତେବେଳେ ଏଭଳି ଭୂମିକାରେ ଅଭିନୟ କରିବାକୁ ଆଶା ଥିଲା। ଯାହାହେଉ ତାହା ପୂରଣ ହେବାକୁ ଯାଉଛି। ତେବେ ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଟାଇଟଲ ମଧ ଫାଇନାଲ ହୋଇନାହିଁ।'' ତେବେ ଯଦି କିଆରା ଏହି ଫିଲ୍ମରେ ଅଭିନୟ କରନ୍ତି ତେବେ ତାଙ୍କର ଦୀର୍ଘଦିନର ସ୍ୱପ୍ନ ନିଶ୍ଚୟ ପୂରଣ ହେବ।

# ଛାତ୍ରବୃତ୍ତି ଥିଲା ମୋ ପ୍ରଥମ ରୋଜଗାର

**ପ୍ରଥମ ରୋଜଗାର**



ଲେଖିକା **ଆରତି ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୋର ଜନ୍ମ ଏକ ରକ୍ଷଣଶୀଳ ପରିବାରରେ ହୋଇଥିଲା। ଆମେ ଛଅ ଭାଇ ଓ ଦୁଇ ଭଉଣୀ। ବାପା ଯଦିଓ ଆମ ଦୁଇ ଭଉଣୀଙ୍କ ପାଠପଢ଼ା ପାଇଁ ମନା କରି ନ ଥିଲେ, କିନ୍ତୁ ଆମେ ଯେ ପାଠ ପଢ଼ି ଟଙ୍କା ରୋଜଗାର କରିବୁ, ଏକଥା ଅକଳ୍ପନୀୟ ଥିଲା ଆମ ଘରେ। ତେଣୁ ଅଫିସିଆଲି ମୁଁ କେବେ ରୋଜଗାର କରି ନାହିଁ। ପୁରସ୍କାର, ବୃତ୍ତି, ବହିଲେଖା, ପତ୍ରିକାରେ ଲେଖାଲେଖି ପାଇଁ ଯାହା ମିଳେ ତାକୁ ରୋଜଗାର ପଦବାଚ୍ୟ କରିହେବ କି ନାହିଁ, ତାହା ସନ୍ଦେହାସ୍ପଦ। କିନ୍ତୁ ମୁଁ ବହୁତ ଛୋଟବେଳୁ ପଇସା ରୋଜଗାର କରିବାର ମହାର୍ଘ ଅନୁଭବଟେ ପାଇଛି; ଯାହା ସେତେବେଳେ ସିନା ମନକୁ କୁରୁଳେଇ ପାରି ନ ଥିଲା, କିନ୍ତୁ ଏବେ ବି ଭାବିଲେ ଲୋମ ଟାଙ୍କୁରି ଉଠେ। ସେ ପୁଣି ଗୋଟିଏ ସରଳ, ନିଷ୍ପାପ ସମୟ ଥିଲା। ଘରେ ଖଡ଼ି ସିଲଟରେ ଅ, ଆ ମଣ୍ଡି ମଣ୍ଡି ବିଜାର ହୋଇଯାଉଥାଏ ମନ। ଅକ୍ଷର, ଯୁକ୍ତାକ୍ଷର, ଶବ୍ଦ, ବାକ୍ୟ ସବୁ ଲେଖି ଜାଣିଲିଣି। ମିଶାଣ, ଫେଡ଼ାଣ, ଗୁଣନ, ହରଣକୁ ଛାଡ଼ି ପଣକିଆ ବି ପରିଶକ କହି ଦେଉଥାଏ ରଡ଼ଗଡ଼ିଆ, କିନ୍ତୁ ଚକାମୁଠା କୋଳରେ ସେଇ ସିଲଟ ଖଣ୍ଡେ। ସେଦିନ କଚେରିରୁ ଫେରିଲାବେଳେ ମଝିଆଁ ଭାଇ କ'ଣ ଗୋଟାଏ ଖବର କାଗଜରେ ଗୁଡ଼ାଇ ଆଣିଥାନ୍ତି। ମୋତେ ଦେବାକୁ ହାତ ବଢ଼ାଇ ପୁଣି ଟେକି ଦେଉଥାନ୍ତି ହାତକୁ। ମୁଁ ଏକରକମ ତାଙ୍କ କାନ୍ଧରେ ଚଢ଼ି ଯାଉଥାଏ ଗଛ ଚଢ଼ିଲାପରି। ଶେଷରେ ହାତକୁ ଆସିଲା ଜିନିଷଟା। ବଡ କୌତୂହଳରେ ସେଇଟା ଖୋଲିଲା ବେଳକୁ ନାଲିଆ ମଲାଟରେ ଭାଇଭଉଣୀ ଦୁଇଟା ପାଠ ପଢୁଥିବା ଚିତ୍ରକୁ ନେଇ ବର୍ଣ୍ଣବୋଧଟିଏ। ଓଃ, ହାତରେ ସତେକି ସରଗର ଚାନ୍ଦ ଖସି ପଡ଼ିଲା। ବର୍ଣ୍ଣବୋଧକୁ ଆରମ୍ଭ କଲି ତ ଆମୂଳଚୂଳ ପଢ଼ି ସାରିଲା ପରେ ହିଁ ବୋଧ ହେଲି। ମୋତେ ସେତେବେଳେ ପାଞ୍ଚ ଛଅ ବର୍ଷ। ବଡ଼ଭାଇ ନେଇଗଲେ ରାଉରକେଲା। ସିଧାସଳଖ ତୃତୀୟ ଶ୍ରେଣୀରେ ନାମ ଲେଖାଇଦେଲେ।

ଶ୍ରେଣୀରେ ଯାହା ବି ପଢ଼ା ହୁଏ, ମୋ ପାଇଁ ସେସବୁ ବାଁ ହାତର ଖେଳ। ସେଇ ବର୍ଷ ହିଁ ମୁଁ ବୃତ୍ତି ପରୀକ୍ଷା ପାଇଁ ଶର୍ଟଲିଷ୍ଟ ହୁଏ। ସେତେବେଳେ ତୃତୀୟ, ପଞ୍ଚମ, ସପ୍ତମ ଶ୍ରେଣୀରେ ବୃତ୍ତି ପରୀକ୍ଷା ହେଉଥିଲା। ଆଜିକାଲି କ'ଣ ହେଉଛି ଜଣାନାହିଁ। ସେ ଯାହାହେଉ, ଭାଇମାନେ ବଡ଼ ଖୁସି। ଏତେ ସାନ ଛୁଆ ବୃତ୍ତି ପରୀକ୍ଷା ଦେବ। ମୁଁ ଅବଶ୍ୟ ବୁଝୁ ନ ଥିଲି ସେଇଟା କି ଜିନିଷ। ଏତିକି ବୁଝୁଥିଲି, ମୋତେ ପଇସା ମିଳିବ। ହଁ? ପଇସା? ଚାକିରି କଲେ ସିନା ପଇସା ମିଳେ, ମୋତେ କ'ଣ ଚାକିରି ମିଳିବ? ଏତେ କୁନିଟାଏ ମୁଁ। ଭିତରେ ଭିତରେ ଏଇ କଥା ସବୁ ଆଉଟି ପାଉଟି ହେଉଥାଏ, ହେଲେ କାହାକୁ ଭରସି ପଚାରି ପାରୁ ନ ଥାଏ। କିନ୍ତୁ ସମସ୍ତଙ୍କ ପାଖରେ ଗାଇ ବୁଲୁଥାଏ, ମୋତେ ବୃତ୍ତି ପରୀକ୍ଷାରେ ପଇସା ମିଳିବ, ପଇସା ମିଳିବ...। ଭାଇମାନେ ତ କେଡ଼େ ବଡ଼ ବଡ଼ ହେଲା ଯାଏ, କେତେ ବର୍ଷ ଯାଏ ପାଠ ପଢ଼ିଲେ, ଥାକ ଥାକ ହୋଇ କେଡ଼େ ମୋଟା ମୋଟା ବହି ସବୁ ସେମାନଙ୍କ ଟେବୁଲରେ ଦେଖି ମୋତେ ବଡ଼ ଭୟ ଲାଗୁଥିଲା। ସେସବୁ ସାରିଲା ପରେ ଯାଇ ସେମାନେ ଚାକିରି କଲେ ଆଉ ତାଙ୍କୁ ପଇସା ମିଳିଲା। ଏଇଟା ପୁଣି କ'ଣ ଯେ?

ବୃତ୍ତି ପରୀକ୍ଷା ଦେବାର ଦିନ ଆସିଗଲା। ମୁଁ ଡେଇଁ ଡେଇଁ ଗଲି, ଦହି ଟିକା ଲଗାଇ। ଆମକୁ ସବୁ ବସ୍‌ରେ ବସାଇ ନେଇଗଲେ ଏକ ବଡ଼ ସ୍କୁଲକୁ। ଏକା ଦିନରେ ଦୁଇଟା ପରୀକ୍ଷା। କ'ଣ କ'ଣ ପରୀକ୍ଷା ହେଲା ଜମା ମନେ ନାହିଁ। ଗୋଟିଏ ପ୍ରଶ୍ନ ଖାଲି ମନେ ଅଛି। "ମଶା ମାଛିଙ୍କର କେତେଟା ଲେଖାଏ ଗୋଡ଼ ଥାଏ?" ମୁଁ ତ ପୋକଜୋକ ଦେଖିଲେ ସେମାନେ କ'ଣ କରୁଛନ୍ତି, କେମିତି ଖାଉଛନ୍ତି, ମଶା କେମିତି ରକ୍ତ ଶୋଷୁଛି, ମାଛି କେମିତି ଗୋଡ଼ ହାତ ଡେଣା ସଫା କରୁଛି ସବୁ ନିରେଖୁଥାଏ। ତେଣୁ ଚଟ୍ କିନା ଲେଖିଦେଲି, ଛଅଟା ଲେଖାଏ। ସେଦିନ ମଝିରେ ଖାଇବା ଛୁଟି ହୋଇଥିଲା। ଏତେ ବଡ଼ ବଡ଼ ସିଙ୍ଗାପୁରୀ କଦଳୀ, ଗୋଟିଏ କମଳା ଆଉ ଗ୍ଲୁକୋଜ ବିସ୍କୁଟ ଗୋଟେ ପ୍ୟାକେଟ ମିଳିବା କଥା ବି ମୋର ମନେ ଅଛି। ନିର୍ଦ୍ଧାରିତ ଦିନ ଫଳ ବାହାରିଲା, ସାର୍ ନାମ ଘୋଷଣା କଲେ। ସବୁ ପିଲାଙ୍କ ଆଖି ମୋ ଆଡ଼କୁ, କିନ୍ତୁ ସାର୍ ଘୋଷଣା କଲେ ଆରତି ସାହି। ମୋ ମନ ଫିକା ହୋଇଗଲା। ଯାଃ, ରୋଜଗାରଟା ହାତକୁ ଆସୁ ଆସୁ ଛାଡ଼ି ହେଇଗଲା। ଏଣେ ସାର୍‌ମାନେ ରେଜିଷ୍ଟର ସବୁ ଅଣ୍ଡାଳି ଅଣ୍ଡାଳି ନୟାନ୍ତ। ତାଙ୍କର ଅକଲ ଗୁଡୁମ, ଏଇ ଆରତି ସାହିଟା ପୁଣି କିଏ? କହିବା ବାହୁଲ୍ୟ, ନାମର ବନାନ ଭୁଲ୍ ହୋଇଯାଇଥିଲା। ବୃତ୍ତି ମୋତେ ହିଁ ମିଳିଥିଲା। ଯେଉଁଦିନ ପ୍ରାର୍ଥନା ସଭାରେ ପ୍ରଧାନ ସାର୍ ମୋତେ ଆଗକୁ ଡାକି ହାତରେ ଚାଳିଶ ଟଙ୍କା ଧରାଇଲେ ସେତେବେଳେ ମୋ ସହିତ ଯାଇଥିବା ବଡ଼ ଭାଇଙ୍କ ଆଖିରୁ ଧାର ଧାର ଲୁହ ଗଡ଼ି ପଡୁଥିଲା। ମୁଁ କିନ୍ତୁ ଜମା ବୁଝି ନ ଥିଲି ସେଇ ଲୁହର ଅର୍ଥ କ'ଣ। ମାତ୍ର ଶହେ ଟଙ୍କା ଦରମା ପାଉଥିବା ଭାଇଙ୍କ ପାଇଁ ଚାଳିଶ ଟଙ୍କାର ଯେ କେତେ ମହତ୍ତ୍ୱ ସେ ହିଁ ଜାଣିଥିଲେ।

# ଟିକିଏ ମିଠାକୁ ଟିକିଏ କଷା, ସହଜେ ଖସେନା ପ୍ରେମର ନିଶା

**ସାଥୀ**



**ପ୍ରଶ୍ନ—**ପ୍ରେମର ନିଶା ଥରେ ଘାରିଲେ ତାହା ସହଜରେ ଛାଡି ନ ଥାଏ। ଏପରି କାହିଁକି ହୁଏ?

—ବିପ୍ଳବ ସାହୁ, ବଲାଙ୍ଗୀର

**ଉତ୍ତର:** ପ୍ରେମ ନିଶା ଯେତେବେଳେ ମୁଣ୍ଡକୁ ଚଢ଼େ ସେତେବେଳେ ମନ ଖାଲି ରଙ୍ଗିନ ଦୁନିଆରେ ଉଡି ବୁଲୁଥାଏ। ଚାରିଆଡ କେବଳ ପ୍ରେମ ହିଁ ପ୍ରେମ। ଆଖି ଖୋଲିଲେ ପ୍ରେମ, ଆଖି ବୁଜିଲେ ପ୍ରେମ। କାରଣ 'ଟିକିଏ ମିଠାକୁ ଟିକିଏ କଷା, ସହଜେ ଖସେନା ପ୍ରେମର ନିଶା'। ତେଣୁ ଯଦି ପ୍ରେମ କରୁଛନ୍ତି ତେବେ କାହାକୁ ତ ମନା କରିହେବ ନାହିଁ। ହେଲେ ଏହି ସମୟରେ ନିଜ ମନର ବେଗକୁ ନିୟନ୍ତ୍ରଣରେ ରଖନ୍ତୁ। ନ ହେଲେ କେତେବେଳେ ଏହି ବିଶାଳ ଦୁନିଆରେ ଯେ ବାଟବଣା ହୋଇଯିବେ ତାହା କେବେ କଳ୍ପନା କରିପାରିବେ ନାହିଁ।

**ପ୍ରଶ୍ନ—**ପ୍ରଥମ ଇସାରାରେ ଜଣେ ସୁନ୍ଦରୀ ମୋ ମନରେ ଘର କରିଥିଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ?

—ବିମଳ କୁମାର, ପୁରୀ

**ଉତ୍ତର:** ଅଭିମାନରେ ବେଳେବେଳେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କିନ୍ତୁ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରିୟାର ଅଭିମାନ ଭସା ବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗିନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ। ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ ହୁଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ!

**ପ୍ରଶ୍ନ—**ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ମୁଁ ବାହା ହେବା ପରେ ମୋର ଆଉ ଜଣେ ପୂର୍ବତନ ପ୍ରେମିକା ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ?

—ସମର କୁମାର, ତାଳଚେର

**ଉତ୍ତର:** ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସଫୁଲ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ। ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ। ନ ହେଲେ ନେଡି ଗୁଡ ଯେତେବେଳେ କହୁଣିକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ—**ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି?

—ସୁନୀଲ, ବ୍ରହ୍ମପୁର

**ଉତ୍ତର:** ସେହି ସୁନ୍ଦରୀର ଲାଜୁଆ ଚାହାଣି ଆପଣଙ୍କୁ ମଉଆଲା କରିଛି। ହେଲେ ସେହି ଲାଜରେ ପ୍ରେମ ଅଛି କି ନାହିଁ, ତାହା ଜାଣିପାରୁନାହାନ୍ତି। ଏହି ସମୟରେ ଥରେ ଥଣ୍ଡା ମିଜାଜରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ବେଳେବେଳେ ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତା ହୋଇ ରହିଥାଏ। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ଯଦି କିଛି ସୂରାକ ପାଇଗଲେ ତେବେ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ।

# ଟ୍ରାଇ କଲର୍ ଫ୍ୟାଶନ



**ସାଧାରଣତନ୍ତ୍ର ଦିବସ ଭଳି ବିଶେଷ ଦିନରେ ଅନ୍ୟମାନଙ୍କ ଠାରୁ ଟିକେ ଭିନ୍ନ ଦେଖାଯିବାକୁ ସମସ୍ତେ ଚାହାନ୍ତି। ଆଉ ଏହିଦିନ ପାଇଁ ବେଷ୍ଟ ଲୁକ୍ ହେଉଛି ଟ୍ରାଇ କଲର୍ ଲୁକ୍। ଝିଅମାନେ ଟ୍ରାଇ କଲର୍ ଆଉଟ୍‌ଫିଟ୍ ସହ ଟ୍ରାଇ କଲର୍ ଆସେସରିଜ୍ ଅଥବା ଟ୍ରାଇ କଲର୍ ନେଲଆର୍ଟର ସାହାଯ୍ୟ ନେଇଥାନ୍ତି। କେହି କେହି ତ ମେକ୍ଅପ୍‌ରେ ବି ଟ୍ରାଇ କଲର୍ ଥିମ୍‌କୁ ଆପଣେଇଥାନ୍ତି । ତେବେ ପୁଅମାନେ ଏହି ବିଶେଷ ଅବସରରେ ଟ୍ରାଇ କଲର୍ ଲୁକ୍ କେମିତି ପାଇପାରିବେ ଜାଣନ୍ତୁ ସେ ସମ୍ପର୍କରେ ...**

**ଟ୍ରାଇ କଲର୍ ଆଉଟ୍‌ଫିଟ୍:** ଭିନ୍ନ ଭିନ୍ନ ଫ୍ୟାବ୍ରିକ୍‌ର ଟ୍ରାଇକଲର୍ ଥିମ୍ ଶାଢିକୁ ଟ୍ରାଏ କରି ଝିଅମାନେ ଏହିଦିନ ଆରାମରେ ଦେଶୀ ଲୁକ୍ ପାଇପାରିବେ। ନଚେତ୍ ଧଳା ରଙ୍ଗର ଶାଢି ସହ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ବ୍ଲାଉଜ୍‌କୁ ମ୍ୟାଚିଂ କରି ପିନ୍ଧି ପାରିବେ। ଯେଉଁମାନେ ସାଲଓ୍ୱାର୍ ପିନ୍ଧିବାକୁ ଚାହୁଁଛନ୍ତି ସେମାନେ ଧଳା ରଙ୍ଗର ସାଲଓ୍ୱାର୍ ପିନ୍ଧି ତା’ଉପରେ ଟ୍ରାଇ କଲର୍ ଥିମ୍‌ର ଦୁପଟ୍ଟା ବା ଚୁନି ପକାଇ ଆରାମରେ ଟ୍ରାଇ କଲର୍ ଲୁକ୍ ପାଇପାରିବେ। ଏପରିକି କେବଳ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ଦୁପଟ୍ଟା ପକାଇ ମଧ୍ୟ ଆଟ୍ରାକ୍ଟିଭ୍ ଦେଶୀ ଲୁକ୍ ପାଇପାରିବେ। ଟ୍ରାଇ କଲର୍ ଥିମ୍‌ର ଖୁବ୍ ସୁନ୍ଦର ସୁନ୍ଦର ଫ୍ରକ୍ ବି ଏବେ ମିଳୁଛି ; ତାକୁ ବି ଚାହିଁଲେ ଟ୍ରାଏ କରିପାରିବେ।



**ଟ୍ରାଇ କଲର୍ ଆସେସରିଜ୍:** ଏହି ବିଶେଷ ଦିନରେ ଝିଅମାନେ ଟ୍ରାଇ କଲର୍ ଥିମ୍‌ର ଶାଢି ହେଉ କି ସାଲଓ୍ୱାର ଶୁଟ୍ ଅବା ଫ୍ରକ୍ ଯାହାବି ପିନ୍ଧନ୍ତୁ ନା କାହିଁକି, ଯଦି ତାକୁ ମ୍ୟାଚିଂ କରି ଚୁଡ଼ି, ଇୟର ରିଂ, ବିନ୍ଦିକୁ ଟ୍ରାଏ କରିବେ, ତା’ହେଲେ ଯାଇ ସେମାନଙ୍କ ଲୁକ୍ ଆହୁରି ଗର୍ଜିୟସ୍ ଲାଗିବ। ଯେମିତିକି : * ଟ୍ରାଇ କଲର୍ ଇୟର୍ ରିଂ– ଏହାର ମଧ୍ୟ ଅନେକ ଭେରାଇଟି ଆସିଥାଏ। ଯଥା: ଟ୍ରାଇ କଲର୍ ପମ୍ ପମ୍ ଇୟର ରିଂ, ଟ୍ରାଇ କଲର୍ ଟାସେଲ୍ ଇୟର ରିଂ, ଟ୍ରାଇ କଲର୍ ଝୁମ୍‌କା, ଟ୍ରାଇ କଲର୍ ଷ୍ଟଡ୍ ଇୟର ରିଂ, ଟ୍ରାଇ କଲର୍ ଲିଫ୍ ଇୟର ରିଂ, ଟ୍ରାଇ କଲର୍ ବିଡ୍ସ ଇୟର୍ ରିଂ ଇତ୍ୟାଦି। * ଟ୍ରାଇ କଲର୍ ଚୁଡ଼ି– ଏହା ମଧ୍ୟ ବିଭିନ୍ନ ଡିଜାଇନ୍‌ରେ ଆସିଥାଏ। ଯଥା: ଟ୍ରାଇ କଲର୍ ପାଣି ଚୁଡ଼ି, ଟ୍ରାଇ କଲର୍ ମେଟାଲ୍ ଚୁଡ଼ି, ଟ୍ରାଇ କଲର୍ ଷ୍ଟୋନ ଲାଗିଥିବା କିମ୍ବା ସୂତା କାମ ହୋଇଥିବା ଷ୍ଟାଇଲିଶ୍ ଚୁଡ଼ି ଇତ୍ୟାଦି। * ବିନ୍ଦି– ଟ୍ରାଇ କଲର୍ ଥିମ୍‌ର ବିନ୍ଦି ହେଉ ଅବା ଏହାକୁ ମ୍ୟାଚିଂ କଲା ଭଳି ତିନୋଟି ଭିନ୍ନ ଭିନ୍ନ ରଙ୍ଗର ବିନ୍ଦି ପିନ୍ଧିବା ବି ଏହିଦିନ ବେଶ୍ ଖାସ୍ ଲାଗେ।

**ଟ୍ରାଇ କଲର୍ ନେଲ୍‌ଆର୍ଟ:** ଝିଅମାନେ ଭିନ୍ନ ଭିନ୍ନ ଷ୍ଟାଇଲ୍‌ରେ ନେଲ୍‌ଆର୍ଟ କରି ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରୁଛନ୍ତି। ତେବେ ସାଧାରଣତନ୍ତ୍ର ଦିବସକୁ ଲକ୍ଷ୍ୟ କରି ଝିଅମାନେ ଚାହିଁଲେ ହାତରେ ଟ୍ରାଇ କଲର୍ ନେଲ୍‌ଆର୍ଟ ବି କରିପାରିବେ। ବିଶେଷକରି ଷ୍ଟ୍ରାଇପ୍, ଭର୍ଟିକାଲ୍, ହରାଇଜଣ୍ଟାଲ୍, ଫ୍ଲୋରାଲ୍, ଡଟେଡ୍, ନେଚର୍ ଥିମ୍‌ବାଲା ଟ୍ରାଇ କଲର୍ ନେଲ୍ ଆର୍ଟ ଝିଅଙ୍କୁ ଭିନ୍ନ ଲୁକ୍ ଦେଇଥାଏ।



**ଟ୍ରାଇକଲର୍ ମେକ୍ଅପ୍:** ସାଧାରଣତନ୍ତ୍ର ଦିବସ ଅବସରରେ ଦେଶୀ ଲୁକ୍ ପାଇବାକୁ ତଥା ଟିକେ ଭିନ୍ନ ଦେଖାଯିବାକୁ ଚାହୁଁଥିଲେ ଝିଅମାନେ ଏହିଦିନ ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲା ଭଳି ଆଖିରେ ଟ୍ରାଇ କଲର୍‌ର ଆଇଶାଡୋ ବି ଲଗାଇପାରିବେ।

### ପୁଅଙ୍କ ପାଇଁ ଟିପ୍ସ

**କୁର୍ତ୍ତା ପାଇଜାମା:** ପୁଅମାନେ ଏହିଦିନ ଧଳା ରଙ୍ଗର କୁର୍ତ୍ତା ପାଇଜାମା ସାଙ୍ଗକୁ ଟ୍ରାଇ କଲର୍ ଥିମ୍‌ର ମେନ୍ସ ଷ୍ଟଲ୍ ପକାଇ ଭିନ୍ନ ଲୁକ୍ ପାଇପାରିବେ। ନଚେତ୍ ନେହେରୁ ଜ୍ୟାକେଟ୍ ବି ଟ୍ରାଏ କରିପାରିବେ। ଏହା ସେମାନଙ୍କୁ ସୋବର୍ ଲୁକ୍ ଦେଇଥାଏ।



**ସ୍ଲୋଗାନ ଟି–ଶାର୍ଟ:** ବନ୍ଦେ ମାତରମ୍ ହେଉ କି ମେରା ଭାରତ ମହାନ୍ ଅଥବା ଆଇ ଲଭ୍ ଇଣ୍ଡିଆ ଭଳି ଭିନ୍ନ ଭିନ୍ନ ସ୍ଲୋଗାନ୍ ଲେଖା ଥିବା ଟି–ଶାର୍ଟ ବି ସାଧାରଣତନ୍ତ୍ର ଦିବସ ଅବସରରେ ପିନ୍ଧିଲେ ଡିଫରେଣ୍ଟ ଲୁକ୍ ମିଳିଥାଏ। ଏହାକୁ ଉଭୟ ପୁଅଝିଅ ପିନ୍ଧିପାରିବେ।

**ଟ୍ରାଇ କଲର୍ ପଗଡ଼ି:** ପୁଅମାନେ ଏହି ଅବସରରେ ଟ୍ରାଇ କଲର୍ ଥିମ୍‌ର ପଗଡ଼ି ବି ମୁଣ୍ଡରେ ବାନ୍ଧି ଅନ୍ୟମାନଙ୍କଠାରୁ ଭିନ୍ନ ଦେଖାଯାଇପାରିବେ। ଯଦି ଟ୍ରାଇ କଲର୍‌ର ନ ମିଳୁଛି, ତା’ହେଲେ ଧଳା ରଙ୍ଗର କୁର୍ତ୍ତା, ପାଇଜାମା ସାଙ୍ଗକୁ କେବଳ ନାରଙ୍ଗୀ ହେଉ କି ସବୁଜ ରଙ୍ଗର ପଗଡ଼ି ପିନ୍ଧି ଆକର୍ଷଣୀୟ ଦେଶୀ ଲୁକ୍ ପାଇପାରିବେ।





# ହାଃ ହାଃ

## ଫରକ

ସ୍ତ୍ରୀ ସ୍ୱାମୀଙ୍କୁ: କହିଲ ଦେଖି ତୁମ ମା' ଓ ମୋ ଭିତରେ ଫରକ କ'ଣ ?
ସ୍ୱାମୀ: ମା' ମତେ କହିବା ଶିଖାଇଛି । ଆଉ ତମେ ଚୁପ୍ ରହିବା ।

## ପୁରସ୍କାର

ଗୋବିନ୍ଦ ପରିବାର ସହ କାର୍‌ରେ ଯିବାବେଳେ ରାସ୍ତାରେ ଚେକିଂ ଚାଲିଥାଏ ।
ଟ୍ରାଫିକ୍ ପୋଲିସ: ଆପଣ ତ ସିଟ୍ ବେଲ୍ଟ ପିନ୍ଧି ଗାଡ଼ି ଚଳାଉଛନ୍ତି । ସେଥିପାଇଁ ଆପଣଙ୍କୁ ୫୦୦୦ଟଙ୍କା ପୁରସ୍କାର ଦିଆଯାଉଛି । ଏଇ ଟଙ୍କାରେ ଆପଣ କ'ଣ କରିବେ ?
ଗୋବିନ୍ଦ: ପ୍ରଥମେ ମୁଁ ଡ୍ରାଇଭିଂ ଲାଇସେନ୍ସ କରିବି ।
ଟ୍ରାଫିକ ପୋଲିସ୍: କ'ଣ !
ଗୋବିନ୍ଦର ମା': ଆଜ୍ଞା, ଯା କଥା ଉପରେ ଧ୍ୟାନ ଦିଅନ୍ତୁ ନାହିଁ । ମଦ ପିଇ ଇଏ ଏମିତି ଯାଡୁ ସାଡୁ କଥା କହେ ।
ଟ୍ରାଫିକ୍ ପୋଲିସ୍: କ'ଣ ମଦ ପିଇ ?
ଗୋବିନ୍ଦର ବାପା: ଜାଣିଥିଲି ପରା ଚୋରି ଗାଡିରେ ବେଶି ଦୂର ଯାଇପାରିବାନି ।
ଟ୍ରାଫିକ ପୋଲିସ୍‌ଙ୍କ ମୁଣ୍ଡ ଖରାପ...

## ଲେଖିବି

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ: ତୁମ ନାଁ ମୁଁ ହାତରେ ଲେଖିବି ନା ହୃଦୟରେ ?
ଗର୍ଲଫ୍ରେଣ୍ଡ: ଯଦି ଏତେ ଭଲ ପାଉଛ ତେବେ ମୋ ନାଁ ତୁମ ପ୍ରପର୍ଟି ପେପର୍‌ରେ ଲେଖିଦିଅ ।

## ଇଂରାଜୀ

ରାଜୁ: ପୁଅମାନଙ୍କ ମୁହଁରୁ ଅନର୍ଗଳ ଇଂରାଜୀ କେତେବେଳେ ବାହାରେ ?
ବିଜୁ: ଯେତେବେଳେ ମଦର ନିଶା ଚଢିଯାଏ ।
ରାଜୁ: ଠିକ୍ । ଏବେ କହିଲୁ ଦେଖି, ଝିଅମାନେ ଅନର୍ଗଳ ଇଂରାଜୀ କେତେବେଳେ କୁହନ୍ତି ?
ବିଜୁ: ଏଇଟା ଜାଣିନି ।
ରାଜୁ: ଯେତେବେଳେ ସେମାନଙ୍କର ମେକ୍‌ଅପ୍‌ର ନିଶା ଚଢିଯାଏ ।




# କୁହୁଡ଼ିଗଡ଼

ଖୋର୍ଦ୍ଧାରେ ୭୩ଟି କିଲା ବା ଗଡ଼ ଥିଲା । ପୁଣି ୨୯ଟି ଜମିଦାରି ମଧ୍ୟରେ ହିନ୍ଦୁ ସର୍ଦ୍ଦାରମାନେ ଶାସନ କରୁଥିଲେ । ସେଥିମଧ୍ୟରେ ବାଣପୁର ଅଧୀନ ସୋରଣ, କୁହୁଡ଼ି, ବଙ୍କାଡ଼ଗଡ଼, ପାରିକୁଦ, ଛତ୍ରଗଡ଼ ଅନ୍ତର୍ଭୁକ୍ତ । ସେତେବେଳେ ଗଜପତି ପ୍ରଥମ ରାମଚନ୍ଦ୍ର ଦେବ କଳିଙ୍ଗର ଶାସକ ଥିଲେ । ତାଙ୍କ ଅଧୀନରେ ଥିଲା କୁହୁଡ଼ିଗଡ଼ । ଏହି ଗଡ଼ ଦାୟିତ୍ୱରେ ଥିଲେ ଦୁର୍ଯ୍ୟୋଧନମାନ ବାହୁବଳେନ୍ଦ୍ର ଚମ୍ପତିରାୟ । ପୁଣି ଖୋର୍ଦ୍ଧା ଭୋଇ ବଂଶର ଗଜପତି ନରସିଂହ ଦେବଙ୍କ ଶାସନର ୨ବର୍ଷ ପରେ ମଙ୍ଗଳାଯୋଡ଼ିଠାରେ ହିନ୍ଦୁ ବିଦ୍ୱେଷୀ କଟକ ସୁବେଦାର ଅହମ୍ମଦ ବେଗ୍‌ଙ୍କ ବିରୋଧରେ ଯେଉଁ ଯୁଦ୍ଧ ହୋଇଥିଲା ସେଥିରେ କୁହୁଡ଼ିଗଡ଼ ସାମିଲ ଥିଲା ।

ଲୋକକଥା ଅନୁଯାୟୀ, ବାଣପୁର ସେ କାଳର ବାଣାସୁରଙ୍କ ରାଜ୍ୟ ଥିଲା । ସୋରଣଗଡ଼ ବାଣାସୁରଙ୍କ ରାଜଧାନୀ ଥିବାର ଅନୁମାନ କରାଯାଏ । ଏଠାରେ ଉଷା ହରଣ ପ୍ରସଙ୍ଗକୁ ନେଇ ସଂଘଟିତ ଯୁଦ୍ଧରେ କୁହୁକ-ଶର ଆସି ଯେଉଁଠାରେ ପଡ଼ିଥିଲା ସେହି ସ୍ଥାନର ନାମ କୁହୁକନଗ୍ର ; ଯାହା କାଳକ୍ରମେ କୁହୁଡ଼ିଗଡ଼ ହେଲା ବୋଲି ଶୁଣାଯାଏ । 'ଓଡ଼ିଶାର ଦେବଦେବୀ' (ପ୍ରଥମ ସ୍ତବକ) ପୁସ୍ତକରେ ଉଲ୍ଲେଖ ଅଛି, କୁହୁଡ଼ିଗଡ଼ର ଚତୁଃପାର୍ଶ୍ୱରେ ଓରଡ଼ଗଡ଼, ବଡ଼ପାରିଗଡ଼, ଭଜାଗଡ଼, ଜରିପଡ଼ାଗଡ଼, ସୋରଣଗଡ଼ ରହିଛି । ଶତ୍ରୁ ଆକ୍ରମଣରୁ ଆତ୍ମରକ୍ଷା ପାଇଁ କୁହୁଡ଼ି ତଳଗଡ଼ର ବୋଇତିଆ ପାହାଡ଼ ପାଦଦେଶରେ ଏକ ଗୁପ୍ତ ସୁଡ଼ଙ୍ଗ ରହିଥିଲା ; ଯାହା ଏବେ ବି ଅଛି । କୁହୁଡ଼ିଗଡ଼ ଓ ବଡ଼ପାରିଗଡ଼ ମଧ୍ୟରେ ଉତ୍ତମ ସମ୍ପର୍କ ଥିଲା । ସେତେବେଳେ ବଡ଼ପାରି ଗଡ଼ର ମୁଖ୍ୟ ଭ୍ରମରବର ରାୟଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିଲା । ପରେ ଭ୍ରମରବର ଏକ ଦୁରାରୋଗ୍ୟରେ ପୀଡ଼ିତ ହେଲେ । ତେଣୁ ତାଙ୍କ କନ୍ୟାର ଯତ୍ନ ପାଇଁ ବୋଇତି ପାହାଡ଼ ପଶ୍ଚିମପଟେ ମହୁଝରରେ ରହୁଥିବା ଜଣେ ବିଶ୍ୱସ୍ତ ଜଙ୍ଗଲି ସର୍ଦ୍ଦାରଙ୍କୁ ଶିଶୁ କନ୍ୟା ଉଷାଙ୍କୁ ଦେଇ ସେ ଶ୍ରୀ ଚଣ୍ଡେଶ୍ୱର ଦେବଙ୍କ ନିକଟରେ ଗୁହାରିଆ ପଡ଼ିଲେ । ଦୀର୍ଘଦିନ ଧରି ଭ୍ରମରବର ଅନୁପସ୍ଥିତ ରହିବାରୁ ଏହି ସୁଯୋଗରେ ରଣପୁର ରାଜା ଓ ତାଙ୍କର ଲୋକମାନେ ବଡ଼ପାରିଗଡ଼ ଦେଇ କୁହୁଡ଼ିଗଡ଼କୁ ପ୍ରବେଶକରି ପ୍ରଜାଙ୍କଠାରୁ ଜୋରଜୁଲମ କର ଆଦାୟ କଲେ । ସେତେବେଳକୁ ଉଷା ବଡ଼ ହୋଇଯାଇଥିଲେ । ତେଣୁ ରଣପୁର ରାଜାଙ୍କ ଏହି କାର୍ଯ୍ୟକୁ ସେ ବିରୋଧ କଲେ । ଏଥିରେ ରାଜା ଉତ୍ତ୍ୟକ୍ତ ହୋଇ ଉଷାଙ୍କୁ ବନ୍ଦୀକରି ନିଜ ରାଜମହଲକୁ ଘେନିଗଲେ । ଜଙ୍ଗଲି ସର୍ଦ୍ଦାର ଏହି ଖବର ପାଇ ରଣପୁର ରାଜାଙ୍କୁ ଆକ୍ରମଣ କରନ୍ତେ, ତାଙ୍କୁ ମଧ୍ୟ ରାଜା ବଳପୂର୍ବକ ବନ୍ଦୀକରି ନେଇଗଲେ । ଏହି ସମୟ ମଧ୍ୟରେ ଶ୍ରୀଚଣ୍ଡେଶ୍ୱର ଦେବଙ୍କ କୃପାରୁ ଭ୍ରମରବର ରାୟ ରୋଗମୁକ୍ତ ହୋଇଯାଇଥିଲେ । ଅନ୍ୟପକ୍ଷେ ସେତେବେଳେ ରାଜକାର୍ଯ୍ୟ ପରିଚାଳନା କରୁଥିବା କୁହୁଡ଼ିଗଡ଼ର ରାଣୀ, ରଣପୁର ରାଜାଙ୍କ ଅନ୍ୟାୟର ପ୍ରତିଶୋଧ ନେବା ପାଇଁ ଶ୍ରୀଚଣ୍ଡେଶ୍ୱର ଦେବଙ୍କୁ ଧ୍ୟାନ କଲେ ଓ ରଣପୁର ରାଜାଙ୍କୁ ଯୁଦ୍ଧରେ ପରାସ୍ତ କଲେ । ଏହି ଯୁଦ୍ଧର ସ୍ମାରକୀ ଭାବେ ରାଣୀ ରଣପୁରଠାରେ ଚଣ୍ଡେଶ୍ୱରଙ୍କ ନାମରେ ଏକ ଶିବଲିଙ୍ଗ ଓ ଚଣ୍ଡେଶ୍ୱର ନାଁରେ ଏକ ଜନବସତି ସ୍ଥାପନ କରିଥିଲେ । 'ପାରିକୁଦ' ପୁସ୍ତକରୁ ଜଣାପଡ଼େ ସୋମବଂଶୀ ରାଜା ଚଣ୍ଡେଶ୍ୱର ଓରଫ୍ ୨ୟ ଯଯାତି କେଶରୀ ଦାକ୍ଷିଣତ୍ୟରେ ଚୋଳ ଓ କାଞ୍ଚି ପ୍ରଭୃତି ରାଜ୍ୟ ଜୟ କରିବା ପାଇଁ ଅଭିଯାନ ଚଳାଇଥିଲେ । ଦାକ୍ଷିଣତ୍ୟକୁ ଯାତ୍ରା କାଳରେ ରଣପୁର, ବାଣପୁର ଏବଂ କୁହୁଡ଼ି ଛ'ଗଡ଼ରୁ ଅଧିକ ସେନା ସଂଗ୍ରହ ପାଇଁ ଶ୍ରୀ ଚଣ୍ଡେଶ୍ୱରଙ୍କ ପୀଠର ଅନତି ଦୂରରେ ନିଜର ଛାଉଣି ପକାଇଲେ । 'ବାଣପୁର ଇତିହାସ'ରୁ ଜଣାପଡ଼େ- ବାଣପୁରର ୧୨ ଗଡ଼ ମଧ୍ୟରେ କୁହୁଡ଼ି ଅନ୍ତର୍ଭୁକ୍ତ ଥିଲା । ବାଣପୁରରେ ସପ୍ତଦଶ ଶତାବ୍ଦୀରେ ରାଜତ୍ୱ କରୁଥିବା ରାଜା ରଘୁନାଥ ହରିଚନ୍ଦନଙ୍କ ଚିତ୍ତବିନୋଦନର ସାମୟିକ ଆବାସସ୍ଥଳୀ ଭାବେ କୁହୁଡ଼ିରେ ଏକ ଉଆସ ଥିଲା । ଏହା ରାଜକବି ରଘୁନାଥ ହରିଚନ୍ଦନଙ୍କ ଦ୍ୱାରା ରଚିତ 'ହଂସବତୀ ବିଳାସ'ରୁ ଜଣାପଡ଼େ । ପୁଣି କୁହୁଡ଼ି, ରତ୍ନପୁର ଏବଂ ସୋରଣ ଅଞ୍ଚଳ ପୂର୍ବେ କଳାଚୁରୀ ଶାସକମାନଙ୍କ ଅଧୀନ ଥିଲା । କୁହୁଡ଼ିଗଡ଼ର ପୂର୍ବରେ ସୋରଣ ଗଡ଼ ଏବଂ ଚିଲିକା ହ୍ରଦ । ପଶ୍ଚିମରେ ବୋଇତି ପାହାଡ଼, ଘଞ୍ଚ ଝାଡ଼ ଜଙ୍ଗଲ ଓ ଗ୍ରାଣ୍ଡଟ୍ରଙ୍କ ରୋଡ । ଅଧୁନା ୧୬ନମ୍ବର ଜାତୀୟ ରାଜପଥ ଯାଇଛି । ପଶ୍ଚିମ-ଉତ୍ତରରେ ଓରଡ଼, ବଡ଼ପାରି ଏବଂ ଉତ୍ତରରେ ଖୋର୍ଦ୍ଧା ସୀମା । କୁହୁଡ଼ି ମଧ୍ୟଦେଇ ଦକ୍ଷିଣପୂର୍ବ ରେଳପଥ ଯାଇଛି । ଗୋଦାବରୀଶ ମହାପାତ୍ରଙ୍କ ଗ୍ରନ୍ଥାବଳୀ ୪ର୍ଥ ଖଣ୍ଡରେ ଏହି ଅଞ୍ଚଳ କଥା ରହିଛି । ସେତେବେଳେ ରାଜାଙ୍କୁ ଶାସନ କାର୍ଯ୍ୟରେ ସହଯୋଗ କରିବା ପାଇଁ ଗଡ଼ର ମୁଖ୍ୟ ଥିଲେ ଦଳବେହେରା । କୁହୁଡ଼ି ଦଳବେହେରାଙ୍କ ପୁରୁଷାନୁକ୍ରମେ ଅଭିଷେକ ପରେ ଇନ୍ଦ୍ରଜିତ ପଦବୀ ବ୍ୟବହାର କରନ୍ତି । ଏହି ଗଡ଼ରେ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ସମେତ ପାଇକମାନେ ବି ଅଛନ୍ତି । ଅଧୁନା କୁହୁଡ଼ିରେ ୧୯୦୧ରେ କ୍ଷେତ୍ରବାସୀ ପ୍ରାଥମିକ ବିଦ୍ୟାଳୟ, ୧୯୨୮ରେ କ୍ଷେତ୍ରବାସୀ ମ.ଇ.ସ୍କୁଲ, ୧୯୩୦ରେ ତପସ୍ୱୀ ନବକିଶୋର ପଟ୍ଟନାୟକଙ୍କ ଆର୍ଯ୍ୟକଳା ନିଳୟ ପ୍ରତିଷ୍ଠା, ୧୯୪୭ରେ କୁହୁଡ଼ି ଡାକଘର, ୧୯୫୬ରେ ଜନତା ଉଚ୍ଚ ବିଦ୍ୟାଳୟ, ୧୯୫୬ରେ ସମବାୟ ସମିତି ଲିଃ, ଗ୍ରାମ ପଞ୍ଚାୟତ, ୧୯୫୮ରେ ପ୍ରାଣୀ ଚିକିତ୍ସାଳୟ, ୧୯୬୦ରେ ମହାବୀର କ୍ରୀଡ଼ାସଂଘ, ୧୯୬୪ରେ ରେଳଷ୍ଟେଶନ, ୧୯୭୭ରେ କୁହୁଡ଼ିରେ ରଥଯାତ୍ରା, ୧୯୮୪-୮୫ରେ ଡ. ଆମ୍ବେଡ଼କର କ୍ଲବ, ୧୯୮୬ରେ ଜନତା ମହାବିଦ୍ୟାଳୟ, ୧୯୮୭ରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୧୯୯୦ରେ ରିଜୋନାଲ ପବ୍ଲିକ ଲାଇବ୍ରେରି, ୧୯୯୫-୯୬ରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ୧୯୯୭ରେ ସରସ୍ୱତୀ ଶିଶୁମନ୍ଦିର, ୧୯୯୯ରେ କୁହୁଡ଼ିରେ ଫାଣ୍ଡି ପ୍ରତିଷ୍ଠା ହୋଇଛି । କୁହୁଡ଼ିରେ ୫ଟି ରାଜସ୍ୱ ଗ୍ରାମ ରହିଛି । ତିନୋଟି ମୌଜା ଗୋପାଳପ୍ରସାଦ, ନିଜିଗଡ଼ କୁହୁଡ଼ି ଓ ତଳଗଡ଼ ଆଦି ରହିଛି । ଚାଷଜମିର ପରିମାଣ ପ୍ରାୟ ୩୯୫ହେକ୍ଟର ହେବ । ରଜ, ରଥଯାତ୍ରା, ଦଶହରା, ଦଣ୍ଡପର୍ବ, ଜାଗର, ଗୀତାଯଜ୍ଞ, ମକର ଉତ୍ସବ, ଗଣେଶ ପୂଜା ଓ ସରସ୍ୱତୀ ପୂଜା ଆଦି ପର୍ବପର୍ବାଣି ପାଳନ ହୋଇଥାଏ । ଏଠାରେ ଗଡ଼ ପୋଖରୀ ରହିଛି, ଗଡ଼ଖାଇ ପୋତି ହୋଇଗଲାଣି, ଗଡ଼ପାଚେରିର ଭଗ୍ନାବଶେଷ ମାଟିରେ ମିଶିଗଲାଣି । ରାଜାଙ୍କ ପ୍ରତିଷ୍ଠିତ ମା'ବ୍ୟାଘ୍ରଦେବୀଙ୍କ ପୀଠ ଏବେ ବି ରହିଛି ।

-ବନବିହାରୀ ବେହେରା










# ବୁଲିବେ ଦେଶଭକ୍ତିରେ

**ସାଧାରଣତନ୍ତ୍ର ଦିବସକୁ ସମଗ୍ର ଦେଶବାସୀ ବେଶ୍ ଉତ୍ସାହର ସହ ପାଳିଥାନ୍ତି। ଦେଶର କୋଣ ଅନୁକୋଣରେ ଦେଶପ୍ରୀତି ସମ୍ପର୍କିତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳେ। ତେଣୁ ଏହି ବିଶେଷ ଦିବସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରୀତି ଜାଗ୍ରତ ହେବା ସହ ବହୁ ଐତିହାସିକ ତଥ୍ୟ ଜାଣିହେବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

**ଲାଲକିଲ୍ଲା:** ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରତିବର୍ଷ ଦିଲ୍ଲୀ ପରେଡ୍‌ର ଲୋକପ୍ରିୟତା ଏତେ ରହିଥାଏ ଯେ, ଯାହାକୁ ଦେଖିବା ପାଇଁ ଦେଶବିଦେଶରୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ। ଆପଣ ବି ଚାହିଁଲେ ଦିଲ୍ଲୀ ପରେଡ୍ ଦେଖିବା ସହ ନିକଟରେ ଥିବା ଲାଲକିଲ୍ଲାର ଅପୂର୍ବ ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିପାରିବେ।  କାରଣ ଏହା ହେଉଛି ଏକ ଐତିହାସିକ ଦୁର୍ଗ। ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଏହି ଦୁର୍ଗ ସହିତ ଜଡ଼ିତ ରହିଛି।

**ଇଣ୍ଡିଆ ଗେଟ୍:** ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ବି ହେଉଛି ଏକ ରାଷ୍ଟ୍ରୀୟ ସ୍ମାରକ। ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଇଣ୍ଡିଆ ଗେଟ୍ ଆଡ଼େ ବି ବୁଲି ଯାଇ ମନରେ ଦେଶପ୍ରୀତି ଜାଗ୍ରତ କରିବା ସହ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ।

**ଅଟାରି–ୱାଘା ବର୍ଡର:** ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଅଟାରି–ୱାଘା ବର୍ଡର ଆଡେ ବି ଟିକେ ବୁଲି ଯାଇପାରିବେ। ଏଠାକୁ ଗଲେ ଦେଶଭକ୍ତିର କିଛିଟା ନିଆରା ଅନୁଭୂତି ନିଶ୍ଚୟ ଅନୁଭବ କରିପାରିବେ।

**ସାବରମତୀ ଆଶ୍ରମ:** ଗୁଜରାଟର ଅହମଦାବାଦ୍‌ସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତ ବା ଶିଷ୍ୟମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ଜ୍ଞାନ ପ୍ରଦାନ କରୁଥିଲେ। 'ଖଟି ଖାଅ କାଟି ପିନ୍ଧ' ଥିଲା ଗାନ୍ଧିଜୀଙ୍କର ବାଣୀ। ସେଥିପାଇଁ ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ତେଣୁ ଗାନ୍ଧିଜୀଙ୍କ ଆଦର୍ଶ ଓ ଶିକ୍ଷା ସବୁଦିନ ପାଇଁ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିଛି ଓ ରହିଥିବ। ଆଉ ଏହି ସାବରମତୀ ଆଶ୍ରମଟି ଗାନ୍ଧିଜୀଙ୍କର ଗୁଣଗାନ ବଖାଣୁଥିବ। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ଆଶ୍ରମକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।

**ନ୍ୟାଶନାଲ୍ ଗାନ୍ଧୀ ମ୍ୟୁଜିୟମ୍:** ଏହାକୁ ଗାନ୍ଧି ମେମୋରିଆଲ୍ ମ୍ୟୁଜିୟମ୍ ବୋଲି ବି କୁହାଯାଇଥାଏ। ଗାନ୍ଧିଜୀଙ୍କୁ ସମର୍ପିତ ଏହି ମ୍ୟୁଜିୟମ୍ ବା ସଂଗ୍ରହାଳୟଟି ବର୍ତ୍ତମାନ ନୂଆ ଦିଲ୍ଲୀର ରାଜଘାଟରେ ଅବସ୍ଥିତ। କିନ୍ତୁ ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ମୃତିରେ ପ୍ରଥମେ ଏକ ସଂଗ୍ରହାଳୟ ମୁମ୍ବାଇରେ ଖୋଲାଯାଇଥିଲା, ଯେଉଁଠାରେ ଗାନ୍ଧିଜୀଙ୍କ ଜୀବନୀ ସହ ଜଡ଼ିତ କିଛି ବ୍ୟକ୍ତିଗତ ବସ୍ତୁ, ସମାଚାରପତ୍ର, ପୁସ୍ତକ ଆଦିକୁ ସ୍ଥାନ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସଂଗ୍ରହାଳୟଟି ନୂଆ ଦିଲ୍ଲୀସ୍ଥିତ କୋଟା ହାଉସ୍‌କୁ ସ୍ଥାନାନ୍ତରିତ ହୋଇ ଆସିଥିଲା। ଶେଷରେ ୧୯୬୧ ମସିହାରେ ଏହା ନୂଆ ଦିଲ୍ଲୀର ରାଜଘାଟକୁ ସ୍ଥାନାନ୍ତରିତ ହୋଇ ବିଧିବଦ୍ଧ ଭାବେ ଲୋକାର୍ପିତ ହୋଇଥିଲା। ପର୍ଯ୍ୟଟକ ଚାହିଁଲେ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ମ୍ୟୁଜିୟମ୍‌କୁ ବି ବୁଲିଯାଇ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ।

**ଅଗଷ୍ଟକ୍ରାନ୍ତି ମୈଦାନ:** ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ମୁମ୍ବାଇସ୍ଥିତ ଏକ ମୈଦାନ ବା ପଡ଼ିଆରେ ସାର୍ବଜନିନ ସମ୍ମିଳନୀରେ ଭାରତଛାଡ଼ ଆନ୍ଦୋଳନର ନାରାବାଜି ଦେଇଥିଲେ। ଯେଉଁ ପଡ଼ିଆରୁ ଗାନ୍ଧିଜୀ ଏହି ଅଭିଯାନର ମୂଳଦୁଆ ପକାଇଥିଲେ, ତାହା ବର୍ତ୍ତମାନ ଅଗଷ୍ଟକ୍ରାନ୍ତି ମୈଦାନ ନାଁରେ ଜଣାଶୁଣା। ପୂର୍ବରୁ ଏହା ଗୋୱାଲିୟା ଟ୍ୟାଙ୍କ ମୈଦାନ ଭାବେ ଜଣାଯାଉଥିଲା। ତେବେ ସେ ଯାହା ବି ହେଉ, ବିଭିନ୍ନ ସ୍ମରଣୀୟ ଦିବସରେ ପର୍ଯ୍ୟଟକ ଏଠାକୁ ଯାଇ ବିଶେଷ କାର୍ଯ୍ୟକ୍ରମଗୁଡ଼ିକୁ ଉପଭୋଗ କରିବାର ସୁଯୋଗ ନେଇପାରିବେ।

ଏସବୁ ବ୍ୟତିତ ଭାରତରେ ଏମିତି ଅନେକ ଐତିହାସିକ ସ୍ମାରକ, ସ୍ମୃତି ସ୍ତମ୍ଭ ଓ ଦୁର୍ଗ ବି ରହିଛି ; ଯେଉଁଠିକି ବୁଲିଗଲେ ଇତିହାସ ସମ୍ବନ୍ଧୀୟ ବହୁ ଅଜଣା ତଥ୍ୟ ଜାଣିବାର ସୁଯୋଗ ମିଳିଥାଏ। ଯେମିତିକି: ମୁମ୍ବାଇସ୍ଥିତ ଗେଟ୍ ୱେ ଅଫ୍ ଇଣ୍ଡିଆ, କୋଲକାତାର ନେତାଜୀ ଭବନ, ଲଦାଖର କାରଗିଲ୍ ଯୁଦ୍ଧ ସ୍ମାରକ,ଗୁଜରାଟର ପୋର୍‌ବନ୍ଦର ଇତ୍ୟାଦି। କେବଳ ସେତିକି ନୁହେଁ, ଏଲୋରା ଗୁମ୍ଫା, ଚମ୍ପାରଣ, ଚାର୍ ମିନାର୍, ଆମେର କିଲା, କୁତୁବ ମିନାର୍ ଆଦି ସ୍ଥାନକୁ ବି ପର୍ଯ୍ୟଟକ ସାଧାରଣତନ୍ତ୍ର ଦିବସ ଅବସରରେ ବୁଲିଯାଇ କିଛିଟା ଭିନ୍ନ ଅନୁଭୂତି ସାଉଁଟିପାରିବେ।





# ଗୋଲାପି କାଗଜରେ ଗହଣାକୁ କାହିଁକି ଗୁଡ଼ାଇ ରଖାଯାଏ



ସୁନାରୁପା ଗହଣା କିଣିବା ପରେ ଗହଣା ଦୋକାନୀ ତାକୁ ଏକ ପତଳା ଗୋଲାପି କାଗଜରେ ଗୁଡ଼ାଇ ଏକ ସୁନ୍ଦର ବାକ୍ସରେ ରଖିଦିଅନ୍ତି । ସାରା ଭାରତର ପ୍ରାୟ ସବୁ ସ୍ଥାନରେ ଏମିତି ଗହଣାକୁ ରଖାଯାଏ। ହେଲେ କେବେ ଭାବିଛନ୍ତି କି କେବଳ ଗୋଲାପି କାଗଜରେ ହିଁ ସୁନା ରୁପାର ଗହଣାକୁ କାହିଁକି ଗୁଡ଼ାଯାଇଥାଏ ? ଏଥର ଜାଣନ୍ତୁ ସେ ସମ୍ପର୍କରେ..





ସୁନା,ରୁପା ଜିନିଷକୁ ଗୋଲାପି କାଗଜରେ ଗୁଡ଼ାଇ ଗହଣା ଦୋକାନୀ ଦେବା ପଛରେ କେବଳ ଗୋଟିଏ ନୁହେଁ ଅନେକ କାରଣ ରହିଛି। ହେଲେ ଏହା ପଛରେ ସେମିତି କିଛି ବୈଜ୍ଞାନିକ କାରଣ ନାହିଁ, କେବଳ ତର୍କଜନିତ କାରଣ ଅଛି।

**ଚମକ ବଢ଼ାଏ:** ଗୋଲାପି କାଗଜ ଓ ସୁନାରୁପା ଗହଣାର ରଙ୍ଗ ସମ୍ପୂର୍ଣ୍ଣ ଭାବେ କଣ୍ଟ୍ରାଷ୍ଟ । ତେଣୁ ସୁନାରୁପାକୁ ଯେତେବେଳେ ଗୋଲାପି କାଗଜରୁ ବାହାର କରାଯାଏ ସୁନାରୁପା ଅଧିକ ଔଜ୍ଜ୍ୱଲ୍ୟମାନ ଦେଖାଯାଏ । ଅନ୍ୟପକ୍ଷରେ ଏହି ଗହଣାକୁ ଯଦି ଧଳା କିମ୍ବା ଅନ୍ୟ କୌଣସି ରଙ୍ଗର କାଗଜରେ ଗୁଡାଯିବ, ତେବେ ତାହା ଫିକା ଲାଗିବ । ଖାସ୍ ଅଧିକ ଔଜ୍ଜ୍ୱଲ୍ୟମାନ ଦେଖାଇବା ଲାଗି ହିଁ ସୁନାରୁପା ଗହଣାକୁ ଗୋଲାପି ରଙ୍ଗର କାଗଜରେ ଗୁଡ଼ାଯାଇଥାଏ ।

**ସୁରକ୍ଷା:** ଯେଉଁ ପତଳା ଗୋଲାପି କାଗଜରେ ସୁନାରୁପାକୁ ଗୁଡ଼ାଯାଏ, ତାହା ଆର୍ଦ୍ରତାକୁ ଭଲଭାବେ ଶୋଷିଥାଏ । ଫଳରେ ଗହଣା ପର୍ଯ୍ୟନ୍ତ ବାୟୁ ଓ ଆର୍ଦ୍ରତା ପହଞ୍ଚି ନ ଥାଏ । ଆଉ ଗହଣା ସୁରକ୍ଷିତ ରହେ ଓ ତା'ର ଚମକ ବଜାୟ ରହେ । ଏହାବାଦ ଗୋଲାପି କାଗଜରେ ସୁନାରୁପା ଗହଣାକୁ ଗୁଡାଇ ରଖିଲେ ସେଥିରେ ଦାଗ ପଡ଼େନାହିଁ ଓ ତା'ର ଚମକ୍ ବଜାୟ ରହେ ।

**ଧାର୍ମିକ ମାନ୍ୟତା:** ଏହି ରଙ୍ଗର କାଗଜ ଗୁଡ଼ାଇବା ପଛରେ ଧାର୍ମିକ ମାନ୍ୟତା ବି ନିହିତ ରହିଛି । ହିନ୍ଦୁଧର୍ମରେ ସାଧାରଣତଃ ସୁନାକୁ ମା' ଲକ୍ଷ୍ମୀଙ୍କ ପ୍ରତିକ ଭାବେ ଗ୍ରହଣ କରାଯାଇଥାଏ । ଆଉ ଗୋଲାପି ରଙ୍ଗ ହେଉଛି ମା'ଲକ୍ଷ୍ମୀଙ୍କର ପ୍ରିୟ ରଙ୍ଗ । ସେଥିପାଇଁ ସୁନାକୁ ଗୋଲାପି ରଙ୍ଗର କାଗଜରେ ଗୁଡ଼ାଯାଇଥାଏ ।

**ଆକର୍ଷିତ କରାଏ:** ମନୋବୈଜ୍ଞାନିକ ଦୃଷ୍ଟିରୁ ଦେଖିଲେ ଗୋଲାପି ରଙ୍ଗ ଗ୍ରାହକଙ୍କୁ ଆକର୍ଷିତ କରିଥାଏ । ଅର୍ଥାତ୍ ଗୋଲାପି କାଗଜରେ ଗହଣା ଅଧିକ ଆକର୍ଷକ ଦେଖାଯାଏ । କାହିଁକି ନା ଗୋଲାପି ରଙ୍ଗ ସୁନାରୁପା ଗହଣାରୁ ନିସୃତ ଔଜ୍ଜ୍ୱଲ୍ୟତାକୁ ଭଲଭାବେ ରିଫ୍ଲେକ୍ଟ କରେ । ଏହାଦ୍ୱାରା ଗହଣା ଅଧିକ ଆକର୍ଷକ ଓ ଭଲ କ୍ୱାଲିଟିର ଦେଖାଯାଏ । ଏହାବାଦ ଗୋଲାପି କାଗଜରେ ଗହଣାକୁ ଗୁଡ଼ାଇ ରଖିଲେ ବ୍ୟକ୍ତିଙ୍କ ମସ୍ତିଷ୍କକୁ ସକାରାତ୍ମକ ସିଗ୍ନାଲ ଯାଏ । ଆଉ ଗହଣା ସୁରକ୍ଷିତ ରହେ ବୋଲି ଲୋକେ ଭାବନ୍ତି ।

# ସାଇକେଲରେ କରତ ଚକ



ବଡ଼ ବଡ଼ ଗଛ ଓ କାଠଗଣ୍ଡି କାଟିବା ପାଇଁ ସାଧାରଣତଃ କରତର ବ୍ୟବହାର କରାଯାଏ । କରତର ଆକାର ପୁଣି ଭିନ୍ନ ଭିନ୍ନ ପ୍ରକାରର ଥାଏ । ସେଥିମଧ୍ୟରେ ଗୋଲାକାର କରତ ଅନ୍ୟତମ । ଜାଣି ଆଶ୍ଚର୍ଯ୍ୟ ହେବେ ଏହି ଧାରୁଆ ଗୋଲାକାର କରତକୁ ଜଣେ ବ୍ୟକ୍ତି ନିଜ ସାଇକେଲର ଚକଭାବେ ଲଗାଇଛନ୍ତି । ଯେମିତିକି ସେ ଶୀତଦିନେ ବରଫ ପାଲଟି ଯାଇଥିବା ହ୍ରଦ ଉପରେ ଆରାମରେ ସାଇକେଲ ଚଳାଇପାରିବେ । ଏଥିପାଇଁ ସେ ପ୍ରଥମେ ନିଜ ମାଉଣ୍ଟେନ୍ ସାଇକେଲର ଚକ ଦୁଇଟିକୁ ବାହାର କରିଦେଲେ । ୨୬ ଇଞ୍ଚର ଦୁଇଟି ଗୋଲାକାର କରତର ମଝିଭାଗକୁ କଣାକରି ସେହି ଚକ ସ୍ଥାନରେ ସଂଯୋଗ କରିଦେଲେ । ଆଉ ତାହା କାର୍ଯ୍ୟକ୍ଷମ ହେଉଛି ନା ନାହିଁ ପରୀକ୍ଷା ବି କଲେ । ପ୍ରଥମ ପରୀକ୍ଷଣ ତାଙ୍କର ସଫଳ ହୋଇ ନ ଥିଲା । ପରେ ସେ ଏହାର ତୀକ୍ଷ୍ଣ ଦାନ୍ତରେ ଛୋଟ ଛୋଟ ମେଟାଲ ପ୍ଲେଟ୍ ଲଗାଇଥିଲେ । ଯେମିତିକି ଏହା ବରଫକୁ ଅତି ଗଭୀରରୁ ନ କାଟି  ବା ଗଭୀର ଗାତ ନ କରି ବରଫ ଉପରେ ଭଲରେ ଓ ସହଜରେ ଯାଇପାରିବ । ଏହାପରେ ଯାଇ ସେ ସଫଳ ହେଲେ । କରତ ଚକ ଲଗା ସାଇକେଲଟି ବରଫ ଚାଦର ଉପରେ ଆରାମରେ ଚାଲିଲା ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ ଜୀ

# ମା'... ତୋ ବିନା ବଞ୍ଚି ପାରିବିନି

## ଦେବତା, ଭଗବାନ୍ ଓ ଈଶ୍ୱର
(ଭାଗ -୧୮)

ପାଠକେ ! ଆଜି ଈଶ୍ୱରୀୟ ତତ୍ତ୍ୱ, ଦର୍ଶନ, ପିଣ୍ଡ ବ୍ରହ୍ମାଣ୍ଡ ତଥ୍ୟ ଭିତରକୁ ନ ପଶି ସାମାଜିକ ଦୁନିଆରେ ଟିକେ ଘୂରି ବୁଲିବା । ସଂସାର ଏବଂ ଆଧ୍ୟାତ୍ମିକତା ପରସ୍ପର ପରିପୂରକ । ସଂସାରକୁ ଛାଡ଼ି କେହି ବି ରହିପାରିବେ ନାହିଁ । ସାମାଜିକ ଜୀବନ ଯାହାର ଶୃଙ୍ଖଳିତ, ସେ ହିଁ ଐଶ୍ୱରୀୟ ସଡ଼କରେ ସୁଦକ୍ଷ ପଥିକ ହୋଇ ବାଟ ଚାଲିପାରେ । ହଉ, ଏବେ ଚାଲନ୍ତୁ ଆଲୋଚନାରେ ପ୍ରବୃତ୍ତ ହେବା ।

ଜରାଶ୍ରମରେ ରହୁଥିବା ପାଖାପାଖି ୭୦ ବର୍ଷୀୟ ଜଣେ ବୁଢ଼ୀ ମା'ଙ୍କ ହାତକୁ ଗୋଟିଏ ଶାଢ଼ି ସହ ଏକ ଖାଦ୍ୟ ପୁଡ଼ିଆକୁ ବଢ଼ାଇ ଦେଉ ଦେଉ ମା' ଜଣକ କହିଁ କହିଁ ହୋଇ କାନ୍ଦି ଉଠି କହିଲେ- ଆପଣଙ୍କୁ ଦେଖି ଆଜି ମୋ ପୁଅ କଥା ମନେ ପଡ଼ିଯାଉଛି । କେମିତି ଥିବ କେଜାଣି ? ମୋ ପୁଅର ଆକାର ଗଢ଼ଣ ଠିକ୍ ଆପଣଙ୍କ ପରି । ନିଜ ପଣତ କାନିରେ ଦୁଇ ଆଖିରୁ ବହି ଯାଉଥିବା ଅମାନିଆ ଲୁହକୁ ପୋଛିଲା ବେଳେ ମୁଁ ପଚାରିଲି – ପୁଅକୁ ଏତେ ଭଲ ପାଉଛ । ହେଲେ ଏଠି କାହିଁକି ରହୁଛ ? ପୁଅ କ'ଣ ପଚାରିଲା ନାହିଁ ?

ମୋ ମୁହଁକୁ କ୍ଷଣେ ମାତ୍ର ଚାହିଁ ବାଷ୍ପରୁଦ୍ଧ କଣ୍ଠରେ ବୁଢ଼ୀ ମା' ଜଣକ ନିଜ ଦୁଃଖ ବଖାଣି ବସିଲା– ପର ପୁଅ ହୋଇ ଆଜି ଆପଣ ଯେଉଁ ଲୁଗା ଓ ଖାଦ୍ୟ ମୋ ହାତକୁ ବଢ଼ାଇ ଦେଉଛନ୍ତି ସେତିକି ମୋ ଜନମ କଲା ପୁଅ ଆଜି ପର୍ଯ୍ୟନ୍ତ କରିନି । ଗୋଟିଏ ବୋଲି ପୁଅ । ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବା ବେଳେ ଆକସ୍ମିକ ଭାବେ ଏକ ସଡ଼କ ଦୁର୍ଘଟଣାରେ ମୋ ସ୍ୱାମୀଙ୍କ ଜୀବନ ଚାଲିଗଲା । ସେତେବେଳେ ପୁଅକୁ ମୋର ଦଶ ବର୍ଷ । ଚତୁର୍ଥରେ ପଢୁଥାଏ । ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱରେ କାକୁଡ଼ି, ଶାଗ, କୋବି ଆଦି ବେପାର କରି ପୁଅକୁ ଆଇଟିଆଇ ପର୍ଯ୍ୟନ୍ତ ପାଠ ପଢ଼ାଇଲି । ଯେଉଁଦିନ ଏକ କମ୍ପାନୀରେ ଭଲ ଚାକିରିଟିଏ ତାକୁ ମିଳିଗଲା ସେଦିନ ମୁଁ ଢେର ଖୁସି ହୋଇଥିଲି । ଯାହା ହେଉ ଆଉ ରାସ୍ତା କଡ଼ରେ ଠିଆ ହେବାକୁ ପଡ଼ିବନି । କିନ୍ତୁ ମୋ ଭାବନା ଭୁଲ୍ ପ୍ରମାଣିତ ହୋଇଗଲା ବାବୁ । ଚାକିରିର ମାତ୍ର ଦୁଇ ମାସ ପରେ ଅନ୍ୟ ଜାତିର ଗୋଟିଏ ଝିଅକୁ ଭଲ ପାଇ ଘରକୁ ନେଇ ଆସିଲା । ବନ୍ଧୁବାନ୍ଧବ, ସାଇ ପଡ଼ିଶା ସମସ୍ତେ ଛି ଛାକର କଲେ । ପୁଅବୋହୂଙ୍କ ସମ୍ମାନ ରକ୍ଷା କରିବାକୁ ଯାଇ ସେମାନଙ୍କ ସହ ଜବାବସୁଆଲ କଲି । ଜାତି ଭାଇ ବୈଠକରେ ଭୁଲ୍ ମାଗି ଜରିମାନା ଦେଲି । ଏତେସବୁ କଲା ପରେ ମୋ ପୁଅବୋହୂ ମୋର ହେଲେନି । ବୋହୂ କଥାରେ ପଡି ମୋ ପୁଅ ମୋ ଚୁଟିକୁ ଧରି ଦିନେ ମାରିଲା । ଖାଇବାକୁ ପିନ୍ଧିବାକୁ ଠିକ୍ ଭାବେ ଦେଲାନି । ଦିନେ ପଡିଶା ଘରକୁ ଖୁଦୁରୁକୁଣୀ ପୂଜା ଦେଖିବାକୁ ଯାଇ ଫେରୁ ଫେରୁ ରାତି ୯ଟା ହୋଇଯିବାରୁ ବୋହୂ ଘର କବାଟ ଖୋଲିଲା ନାହିଁ । ପୁଅ ଅବଶ୍ୟ ଘର ଭିତରେ ଥାଇ କହୁଥାଏ-ଆରେ ! କବାଟ ଖୋଲିଦିଅ ମ । ବୋଉ ଭିତରକୁ ଆସୁ । ଏତିକି ଶୁଣି ଚଢ଼ାଗଳାରେ ବୋହୂ ତାକୁ କହିଲା-ସବୁବେଳେ ଖାଲି ବୋଉ ବୋଉ ହେଉଛ । ତମ ମା'ପୁଅଙ୍କୁ ଯୌତୁକ ନିର୍ଯାତନା କେସ୍‌ରେ ଦିନେ ଜେଲରେ ଏମିତି ଠୁଙ୍କି ଦେବି ଯେ ନାମ ନେଉଥିବ । ପୁଅ ଚୁପ୍ ହୋଇଗଲା । ରାତିସାରା ବାହାରେ ଥିବା ଏକ ଚାଳିଆରେ ରହିଲି । କାନ୍ଦ ମାଡୁଥାଏ । ରାତିସାରା ନିଦ ହେଲାନି । ଭୋରୁ ଭୋରୁ ଘର ଛାଡି ପଳେଇ ଆସିଲି । ବସ୍ ଷ୍ଟାଣ୍ଡରେ ବୁଲୁଥିବା ବେଳେ ଜଣେ ବାବୁ ମୋତେ ଆଣି ଏଇ ଜରାଶ୍ରମରେ ରଖିଛନ୍ତି ।

ଏଠି ରହିବା କଥା ତୁମ ପୁଅକୁ ଜଣା ଅଛି କି ନାହିଁ ବୋଲି ପଚାରିବାରୁ ସେ କହିଲେ– ହଁ ଜାଣିଛି ଯେ କିନ୍ତୁ ବୋହୂ ଭୟରେ ସେ ଏଠାକୁ ଆସୁନି । ଏଠି ରହିବା ଦୁଇ ବର୍ଷ ହୋଇଗଲାଣି । କିନ୍ତୁ କେହି ଦେଖା କରିବାକୁ ଆସି ନାହାନ୍ତି ବୋଲି କହି ମା' ଜଣକ ଆହୁରି କାନ୍ଦିବାକୁ ଲାଗିଲେ ।

ମା'.. । ନିଜେ ବର୍ଷାରେ ଭିଜି ନିଜ ପଣତ କାନିରେ ନିଜ ପୁଅକୁ ବର୍ଷା ଦାଉରୁ ରକ୍ଷା କରିବାର ଉପକ୍ରମ କରୁଥିବା ମଣିଷଟିର ନାଁ ହେଉଛି ମା' । ଘରେ ଭଲ ଟିକିଏ କ'ଣ ତରକାରି ପତର ହେଲେ ନିଜେ ଅଳପ ଖାଇ ପୁଅକୁ ବଳେଇ ବଳେଇ ଖୁଆଉଥିବା ନାରୀଟିର ଅନ୍ୟନାମ ହେଉଛି ମା' ।



ରୋଗବଇରାଗ ବେଳେ ଘରେ ସମସ୍ତେ ଅଖଣ୍ଡ ନିଦରେ ଶୋଇଥିବା ବେଳେ ମୁଣ୍ଡ ପାଖରେ ବସି ରାତିସାରା ଚେଇଁ ରହିଥିବା ମହିଳାଟିର ଅନ୍ୟନାମ ହେଉଛି ମା' । ଗର୍ଭରେ ଅନେକ ଥର ଆମ ପଦପ୍ରହାରକୁ ସହ୍ୟ କରିଥିବା ଲୋକଟିର ଅନ୍ୟ ନାମ ବୋଧେ ମା' । ସମସ୍ତ ଶାସ୍ତ୍ର ପୁରାଣ, ସାହିତ୍ୟ, ପ୍ରବଚନରେ ମା'ବାପାଙ୍କ ମହତ୍ତ୍ୱ ବାବଦରେ ସଦା ମୁଖରିତ ହେଉଥିବା ଏ ମାଟିର ପୁଅଝିଅମାନଙ୍କୁ ପୁଣି କାହିଁକି ସେ ବିଷୟରେ ସଚେତନ କରାଇବାର ଆବଶ୍ୟକତା ପଡୁଛି ତା' ବୁଝି ହେଉନି ? ଆମେ କ'ଣ ଏତେ ତଳକୁ ଖସିଗଲେଣି ? ବୁଢ଼ୀ ମା'ଙ୍କ ପରି ଆପଣଙ୍କ ଗାଁ, ସାହି ବା ଅଞ୍ଚଳରେ ବହୁ ବୁଢ଼ୀ ମା' ଆଜି ସମଦଶାରେ ଜର୍ଜରିତ । କିନ୍ତୁ ପୁଅର ମାନ ସମ୍ମାନ ଚାଲିଯିବା ଭୟରେ ଆଜି ଅନେକ ମା' ନୀରବ ରହିବାକୁ ବାଧ ହେଉଛନ୍ତି । ପୁଅଟିଏ ବିଭା ହେବା ପରେ ସେ ଭାବିବା ଦରକାର ଯେ ପ୍ରଥମେ ସେ ମା'ର ପୁଅ । ପରେ ସ୍ତ୍ରୀର ସ୍ୱାମୀ । ପୁଅ ଏବଂ ସ୍ୱାମୀର ଉଭୟ ଭୂମିକାରେ ନିଖୁଣ ଅଭିନୟ ନ କଲେ ପରିବାର ରୂପକ ନୌକା ଆଗକୁ ଯାଇ ପାରିବନି । ଯାହାର ଏତିକି ବିଚାର କରିବାର ସାମର୍ଥ୍ୟ ନାହିଁ ମୁଁ ତ କହିବି ହେ ପୁଅମାନେ ! ତୁମର ବିବାହ କରିବାର ଯୋଗ୍ୟତା ନାହିଁ । କରନି ଆଦୌ । ସ୍ତ୍ରୀ କଥାରେ ପଡି ନିଜ ମା'ବାପାଙ୍କୁ ହତାଦର କରୁଥିବା ପ୍ରତ୍ୟେକ ପୁଅମାନେ ଜଣେ ଜଣେ ନପୁଂସକ । କେବଳ ସେତିକି ନୁହେଁ ସ୍ୱାମୀକୁ ଶିଖାଇ ମା'ଠାରୁ ପୁଅକୁ ଅଲଗା କରାଇ ଏକ ପୈଶାଚିକ ଆନନ୍ଦରେ କୁରୁଳି ଉଠୁଥିବା ପତ୍ନୀଗଣ ମନେ ରଖିବା ଉଚିତ ଯେ ତୁମମାନଙ୍କର ସେଇ ଆନନ୍ଦର ସ୍ଥାୟିତ୍ୱରେ ଦିନେ ଏକ ଜବରଦସ୍ତ ପୂର୍ଣ୍ଣଚ୍ଛେଦ ପଡ଼ିଯିବ, ଯେଉଁଦିନ ତୁମର ପୁଅ ଠିକ୍ ସେମିତି ଏକ ଦୃଶ୍ୟାନ୍ତରରେ ତୁମକୁ ନାୟିକା ସଜାଇଦେବ । ଉଧାର ସେରକ କେବେ ଯେ ତିନି ପା' ହୁଏନିରେ ମା'– ଏକଥା ଯେଉଁଦିନ ତୁମ ମୁଣ୍ଡରେ ପଶିବ, ସେତେବେଳକୁ ନେଡି ଗୁଡ଼ କହୁଣିକୁ ବୋହିଯାଇଥିବ ।

ଘଟଣାଟିଏ । ନିଜ ସ୍ୱାମୀ ଓ ଶିଶୁପୁତ୍ର ସହ ଏକ ବିରାଟ ମେଳାକୁ ବୁଲିଯାଇଥିବା ବେଳେ ଅସମ୍ଭାଳ ଭିଡ଼ ଭିତରେ ଶିଶୁ ପୁତ୍ରଟି ଦୈବାତ କୁଆଡ଼େ ହଜିଗଲା । ମା' ମୁଣ୍ଡ ବାଡ଼େଇ କାନ୍ଦିବା ସହିତ ନିଜର ଏକମାତ୍ର ପୁଅକୁ ଖୋଜିବା ପାଇଁ ପାଗଳ ପ୍ରାୟ ଚାରିଆଡ଼େ ଖୋଜି ବୁଲିଲା । ସୂଚନାକେନ୍ଦ୍ରରୁ ଡକାବାଜି ଯନ୍ତ୍ର ଦ୍ୱାରା ପିଲା ହଜିବା କଥା ତୁହାକୁ ତୁହା ପ୍ରଚାର ହେଲା । ପ୍ରାୟ ଦୁଇ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ପୋଲିସ ଶିଶୁ ପୁତ୍ରକୁ ଖୋଜିଆଣି ମା'କୁ ଦେଲେ । ମା'ର ଖୁସି ଏବେ ଦେଖେ କିଏ । ସ୍ୱାମୀ ଏଥର ନିଜ ସ୍ତ୍ରୀ ଓ ପୁତ୍ରକୁ ଧରି ଏକ ଭଡ଼ା ଗାଡ଼ିରେ ଅନ୍ୟ ଏକ ସ୍ଥାନକୁ ଯିବା ପାଇଁ ବାହାରିବା ବେଳେ ସ୍ତ୍ରୀ ପଚାରିଲେ– ଆମେ ଏବେ କୁଆଡ଼େ ଯାଉଛେ ?

ମାତ୍ର ଦୁଇ ଘଣ୍ଟା କାଳ ପୁଅକୁ ହରାଇ ତୁମେ ଯେମିତି ପାଗଳ ହୋଇଯାଉଥିଲ, ମୋ ମା' ମୋଠୁ ଆଜକୁ ଦଶ ବର୍ଷ ହେଲା ଅଲଗା ରହି ଠିକ୍ ସେମିତି ଅଥୟ ହେଉଥିବ । ତୁମ ବୁଦ୍ଧିରେ ପଡି ମୁଁ ମୋ ମା'କୁ ଅଲଗା କରିଦେଇଛି । ଆଜି ତା'ସହ ମିଶିବାକୁ ପୃଥିବୀର କୌଣସି ଶକ୍ତି ମୋତେ ଅଟକାଇ ପାରିବ ନାହିଁ । ସଦ୍ୟ ସଂଘଟିତ ଦୁର୍ଘଟଣାରୁ ପ୍ରାପ୍ତ ଅନୁଭବକୁ ନେଇ ପତ୍ନୀ ସେଦିନ ଚୁପ୍ ରହିବାକୁ ଏକରକମ ବାଧ ହୋଇଥିଲେ ଏବଂ ନିଜ ଭୁଲ୍‌କୁ ବୁଝିପାରିଥିଲେ ।

ଘଟଣାଟିରେ ବର୍ଣ୍ଣିତ ସ୍ୱାମୀଙ୍କ ପୌରୁଷତ୍ୱ ଜାଗ୍ରତ ହେବା ପରି ଆଜିକାର ସ୍ତ୍ରୀ ବୋଲକରା ସ୍ୱାମୀମାନଙ୍କୁ ପୁଣି କ'ଣ ଶିଶୁପୁତ୍ର ହଜିବା ପରି ସେଭଳି ଏକ ଅଭାବନୀୟ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ ? ନିଜ ଦେହର ଚମଡ଼ାକୁ ଉତାରି ସେଥିରେ ଜୋତା ତିଆରି କରି ମାତାପିତାଙ୍କ ପାଦରେ ପିନ୍ଧାଇ ଦେବା ପରେ ଯେ ସେମାନଙ୍କ ଋଣ ଶୁଝି ଯାଇ ନ ପାରେ– ଶାସ୍ତ୍ର ବର୍ଣ୍ଣିତ ଏ ପରାର୍ଥବାଣୀଟିକୁ ହେଜିବା ପାଇଁ ଆଜିକାର ପଥଭ୍ରଷ୍ଟ ସନ୍ତାନମାନେ ଆଉ କେତେ ଅଧିକ ସମୟ ନେବେ ଯେ ? ଅସହାୟ ଅବସ୍ଥାରେ ମା' ଟିଏ ନିଜ ପୁଅକୁ ଝୁରି ଝୁରି ମରିଗଲେ ସାତ ଶତ୍ରୁଟିର ଆଖିରେ ଲୁହ ଆସିବ । ସେତେବେଳେ ତୁମ ଆଖିରେ ଯଦି ଦୈବାତ ଲୁହ ଆସେ ତେବେ ତାହା କୋଉ କୂଳକୁ ଯେ ? ମା' ଏବଂ ସ୍ତ୍ରୀକୁ ସଙ୍ଗରେ ନେଇ ପରିବାର ଚଳାଇବାରେ ଯେ ପୁରୁଷର ପୌରୁଷତ୍ୱ ନିହିତ ଥାଏ, ଏକଥାକୁ ଆଜିକାର ଅତ୍ୟଧିକ ପତ୍ନୀପ୍ରେମୀ ପୁରୁଷମାନେ କ'ଣ ସତରେ ବୁଝିବେ ? କେଜାଣି ? ?


– ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ(ଆଧ୍ୟାତ୍ମିକ ପତ୍ରିକା)
ତେଲେଙ୍ଗାପେଣ୍ଠ, କଟକ, ମୋ: ୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ଶ୍ରୀଜଗନ୍ନାଥ ମାହାତ୍ମ୍ୟ

**ଲେଖକ: ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଚ୍ଛି, ପ୍ରକାଶକ: କାବ୍ୟଲୋକ, ଗ୍ୟାରେଜ ଛକ, ଲୁଇସ୍ ରୋଡ୍, ଭୁବନେଶ୍ୱର-୨, ମୂଲ୍ୟ: ୨୦୦ଟଙ୍କା**

ହିନ୍ଦୁଧର୍ମ ଧାରଣାରେ ଶ୍ରୀଜଗନ୍ନାଥ ଜଣେ ଅଣ ପାରମ୍ପରିକ ଦିଅଁ । ଅନ୍ୟ ଦିଅଁ ଦେବତାମାନେ ପୁରାଣରୁ ସୃଷ୍ଟି ହୋଇଥିବା ବେଳେ ସେ ଆଦିବାସୀ, ବୌଦ୍ଧ ଓ ହିନ୍ଦୁମାନଙ୍କର ଏକତ୍ର ସହାବସ୍ଥାନ ପାଇଁ ଆବଶ୍ୟକ ଏକ ସାମାଜିକ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲେ । ଆଦିବାସୀମାନଙ୍କର ଖମ୍ବଦିଅଁ, ବୌଦ୍ଧମାନଙ୍କର ବୁଦ୍ଧ ଭୈରବ, ତା'ପରେ ହିନ୍ଦୁମାନଙ୍କର ଶିବ ଭୈରବ ଭାବେ ରୂପାନ୍ତର ଗ୍ରହଣ କରିବା ପରେ ଶେଷରେ ତାଙ୍କଠାରେ ବିଷ୍ଣୁତ୍ୱ ଆରୋପଣ କରାଯାଇଥିଲା । ବିଷ୍ଣୁ ଜଗନ୍ନାଥ ସାରା ଭାରତରେ ଲୋକପ୍ରିୟ ହେବା ପରେ ତାଙ୍କର ସର୍ବଜନ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ତ୍ରୟୋଦଶ ଶତାବ୍ଦୀରେ ତାଙ୍କୁ କେନ୍ଦ୍ର କରି ସ୍କନ୍ଦ ପୁରାଣର ଉତ୍କଳଖଣ୍ଡ ବା ପୁରୁଷୋତ୍ତମ ମାହାତ୍ମ୍ୟ ରଚନା କରାଯାଇଥିଲା । ଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢିଉଠିଥିବା ସର୍ବଧର୍ମ ସମନ୍ୱୟ ସଂସ୍କୃତିର ପ୍ରବଚକମାନେ ଏହି ଗ୍ରନ୍ଥକୁ ଏ ସଂସ୍କୃତିର ପ୍ରାମାଣିକ ଓ ପ୍ରାଥମିକ ଶାସ୍ତ୍ର ରୂପେ ଗ୍ରହଣ କରନ୍ତି । ମହାପ୍ରଭୁଙ୍କ ଅଣପାରମ୍ପରିକତା ତାଙ୍କ ଲୋକପ୍ରିୟତାର ପ୍ରମୁଖ କାରଣ । ତାଙ୍କର ଅଣପାରମ୍ପରିକ ଆବିର୍ଭାବ ଓ ସ୍ୱରୂପ ତାଙ୍କ ପତିତପାବନ ଚରିତ୍ର ସବୁ ଧର୍ମର ଲୋକଙ୍କୁ ଆକର୍ଷିତ କରେ । ପୁସ୍ତକଟି ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଆଦୃତିଲାଭ କରିବ ବୋଲି ଆଶା ।




### ଅଲୋଡ଼ା ଅପୋଡ଼ା

**ଲେଖକ: ଲେ. କର୍ଣ୍ଣେଲ ଶିବରାମ ଶତପଥୀ, ପ୍ରକାଶନ: ସର୍ଜନା, ପାଣିଗ୍ରାହୀ ସାହି, ଗୋସାଇଁ ନୂଆଗାଁ, ବ୍ରହ୍ମପୁର-୦୩, ମୂଲ୍ୟ: ୧୭୦ଟଙ୍କା**

ପୁସ୍ତକଟିରେ ୨୪ଟି ପ୍ରବନ୍ଧ ରହିଛି । ପ୍ରଥମ ପ୍ରବନ୍ଧ 'ଅଲୋଡ଼ା ଅପୋଡ଼ା' ଅନୁସାରେ ପୁସ୍ତକର ନାମକରଣ କରାଯାଇଛି । ଶେଷ ପ୍ରବନ୍ଧଟି ହେଉଛି 'ଏକ ଘରିଆ' । ପ୍ରବନ୍ଧଗୁଡ଼ିକ ସାମ୍ପ୍ରତିକ ସମୟ ଏବଂ ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀକୁ ନେଇ ରଚିତ । ଅଲୋଡ଼ା ଅପୋଡ଼ା ପ୍ରବନ୍ଧରେ ଲେଖକ ଚାକିରି କାଳ ଭିତରେ ଆଉ କ'ଣ ଅର୍ଜିଛି ? ଅହଂକାର ଆଉ ଅହଂକାର । ଖତଗଦା ପରି ଦିନୁ ଦିନ ବଢ଼ି ଚାଲିଛି । ସେଇ ଖତଗଦାର ଦୁର୍ଗନ୍ଧରେ ଦିନେ ଯେ, ନାକ ଫାଟିଯିବ, ସେଥିପାଇଁ କିଏ ପାଖରେ ପୂରାଇବେ ନାହିଁ କହିଛନ୍ତି । ସେହିପରି ସେ ଆହୁରି କହିଛନ୍ତି, ଆଜିକାଲିର ଭେଜାଲ ଖାଦ୍ୟପେୟ ଲାଗି ଷାଠିଏ ବର୍ଷ ବୟସ ପରେ ହୃଦ୍‌ରୋଗ ସମ୍ବନ୍ଧୀୟ ଯାଞ୍ଚ କରାଇବା ବାଞ୍ଛନୀୟ । ଏହିପରି ଅନେକ କଥା ଲେଖକ ପ୍ରବନ୍ଧଟିରେ ସୂଚନା ଦେଇଛନ୍ତି । ସେହିପରି ତ୍ରିଭୁଜ ପ୍ରବନ୍ଧରେ କହିଛନ୍ତି, ବିଶ୍ୱାସର ମୂଳଦୁଆ ଉପରେ ହିଁ ସ୍ୱାମୀ, ସ୍ତ୍ରୀ ସମ୍ପର୍କର ଇମାରତ୍ ଗଢ଼ି ଉଠିଥାଏ । ଲେଖକ ପ୍ରବନ୍ଧଗୁଡ଼ିକରେ ଅନେକ ସାମାଜିକ ଚଳଣି, ସଂସ୍କୃତି ଓ ସଂସ୍କାର କଥା କହିଛନ୍ତି । ଆଶା ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ।



# ମ୍ୟୁଜିକାଲ ଲଲିପପ୍



**ଛୋ**ଟ ପିଲାଙ୍କର ଭାରି ପ୍ରିୟ ଲଲିପପ୍। ଖାଲି ଛୋଟ ପିଲା କାହିଁକି ଯୁବତୀଯୁବକଙ୍କୁ ବି ଏହା ଭଲ ଲାଗେ। ସ୍ୱାଦ ବଢ଼ାଇବା ସହ ଏହା ମୁଡ୍ ବି ଖୁସି କରିଦିଏ। ତେବେ ଜାଣନ୍ତି କି ଏବେ ଏମିତି ଏକ ଲଲିପପ୍ ଆସିଛି, ଯାହା ଆପଣଙ୍କ ମସ୍ତିଷ୍କ ଭିତରେ ମ୍ୟୁଜିକାଲ କନ୍‌ସର୍ଟ ଆରମ୍ଭ କରିଦେବ। ଟେକ୍ ସାଇଣ୍ଟିଷ୍ଟମାନଙ୍କ ଦ୍ୱାରା ତିଆରି ଏହି ଲଲିପପ୍‌କୁ ଚୋବାଇଲେ ମସ୍ତିଷ୍କରେ ଗୀତ ବାଜିବାକୁ ଲାଗେ। ଏହି ଅଜବ ଲଲିପପ୍‌କୁ ଦେଖି ଏବେ ସାରା ଦୁନିଆ ଚକିତ। ଆମେରିକାର ଲାବା ଟେକ୍ ବ୍ରାଣ୍ଡ ଏହି ଲଲିପପ୍ ତିଆରି କରିଛି। ଉକ୍ତ ଲଲିପପ୍‌ର ନାଁ 'ଲଲିପପ୍ ଷ୍ଟାର' ରଖାଯାଇଛି। ଉକ୍ତ ଲଲିପପ୍ 'ବୋନ୍ କଣ୍ଡକ୍ସନ' ପଦ୍ଧତି ଉପରେ କାମ କରିଥାଏ। ଏହି ଲଲିପପ୍ ଦାନ୍ତକୁ ଛୁଇଁବା କ୍ଷଣି ଏହାର ସ୍ୱତନ୍ତ୍ର ନିର୍ମାଣଶୈଳୀ ଧ୍ୱନି ତରଙ୍ଗକୁ ପାଟିର ହାଡ଼ ମାଧ୍ୟମରେ ସିଧା ଦାନ୍ତର ଆଭ୍ୟନ୍ତରୀଣ ଭାଗ ପର୍ଯ୍ୟନ୍ତ ପଠାଇଥାଏ। ପରିଣାମ ସ୍ୱରୂପ ଆଖପାଖରେ ଥିବା କାହାରିକୁ ତ କିଛି ଧ୍ୱନୀ ଶୁଭି ନ ଥାଏ, ହେଲେ ଲଲିପପ୍ ଖାଉଥିବା ବ୍ୟକ୍ତିଙ୍କ ମସ୍ତିଷ୍କ ଭିତରେ ମନପସନ୍ଦର ଗୀତ ଶୁଭିବାକୁ ଲାଗିବ। ଅର୍ଥାତ୍ ପାଟିରେ ଲଲିପପ୍ ପୂରାଇବା ମାତ୍ରେ ସୁନ୍ଦର ଗୀତର ଧୂନରେ ଆଖି ଖୋଲିଯିବ, ମନ ଝୁମିଯିବ। ଏହାକୁ ପୃଥିବୀର ସବୁଠୁ ଶସ୍ତା ଓ ସ୍ୱାଦିଷ୍ଟ ହେଡ୍‌ଫୋନ୍ ବି କୁହାଯାଉଛି। ଗୋଟିଏ ଲଲିପପ୍‌ର ମୂଲ୍ୟ ୭୫୦ଟଙ୍କା ରଖାଯାଇଛି। କମ୍ ଶୁଭୁଥିବା ଲୋକଙ୍କ ପାଇଁ ଏହି ଟେକ୍‌ନିକ୍ ବରଦାନ ସ୍ୱରୂପ। ଏହା ବିଭିନ୍ନ ଫ୍ଲେଭରରେ ଉପଲବ୍ଧ ହେଉଛି। ସବୁ ଫ୍ଲେଭର ସହ ଏକ ଅଲଗା ପ୍ରକାର ମ୍ୟୁଜିକ ଟ୍ରାକ୍ ଜଡ଼ିତ ଥାଏ।





# ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ଜଳପ୍ରପାତ!



**ନ**ଭଶ୍ଚୁମ୍ବୀ ଅଟ୍ଟାଳିକାରୁ ଜଳପ୍ରପାତ ପ୍ରବାହିତ ହେବା କଥା କୌଣସି ବିଗ୍ ବଜେଟ୍‌ର ବିଜ୍ଞାନଭିତ୍ତିକ ଚଳଚ୍ଚିତ୍ରର ସିନ୍ ପରି ଲାଗୁଥିବ। ହେଲେ ଏହା ବାସ୍ତବ। ଆଉ ଏପରି ଦୃଶ୍ୟ ନିଜ ଆଖିରେ ଦେଖିପାରିବେ ଚାଇନାର ଗୁଆଙ୍ଗ୍ ସହରରେ। ଏଠାକାର ୧୨୧ ମିଟର ଉଚ୍ଚ ଲେଇବିଏନ୍ ଇଣ୍ଟରନ୍ୟାଶନାଲ ପ୍ଲାଜା, ଯାହାକି ଏକ ମଲ୍ଟିପରପୋଜ୍ ବିଲ୍ଡିଂ, ତା'ର ବାହାରପଟର ଏକ ପାର୍ଶ୍ୱରୁ ଜଳପ୍ରପାତ ପ୍ରବାହିତ ହେଉଥିବାର ଚମତ୍କାର ଦୃଶ୍ୟ ଦେଖିହୁଏ। ଆଶ୍ଚର୍ଯ୍ୟଜନକ ଇଞ୍ଜିନିୟରିଂର ଏହା ଏକ ନମୁନା। ୧୦୮ ମିଟର ବା ୩୫୪ ଫୁଟ୍ ଉଚ୍ଚତାର ଏହି ଜଳପ୍ରପାତର ଦୃଶ୍ୟ ବେଶ୍ ମନୋରମ ଓ ଆଶ୍ଚର୍ଯ୍ୟଜନକ। ଏହାକୁ ପୃଥିବୀର ସର୍ବୋଚ୍ଚ କୃତ୍ରିମ ଜଳପ୍ରପାତ କୁହାଯାଉଛି। ଉକ୍ତ ବିଲ୍ଡିଂରେ ଥିବା ୪ ମହଲା ବିଶିଷ୍ଟ ଭୂତଳ ୱାଟର ଷ୍ଟୋରେଜ୍ ଓ ଡ୍ରେନେଜ୍ ସିଷ୍ଟମ୍ ଏବଂ ଶକ୍ତିଶାଳୀ ପମ୍ପ ଦ୍ୱାରା ପାଣି ପମ୍ପ ଓ ରିସାଇକେଲ ହୁଏ। ସଂରକ୍ଷିତ ଜଳର ଉତ୍ସ ହେଉଛି ବର୍ଷାଜଳ ଓ ରିସାଇକେଲ୍ଡ ଟ୍ୟାପ୍ ୱାଟର। ଏଥିରେ ବ୍ୟବହୃତ ୧୮୫ କିଲୋୱାଟ୍‌ର ପମ୍ପ ଦ୍ୱାରା ବିଲ୍ଡିଂର ଉପରଭାଗକୁ ଜଳ ଉଠାଯାଇଥାଏ। ଏଥିପାଇଁ ଘଣ୍ଟା ପ୍ରତି ୧୧୮ ଡଲାର ଖର୍ଚ୍ଚ ହୁଏ। ଅତ୍ୟଧିକ ବିଦ୍ୟୁତ୍ ଖର୍ଚ୍ଚ ହେଉଥିବାରୁ ଅନବରତ ଉକ୍ତ ଜଳପ୍ରପାତ ପ୍ରବାହିତ କରାଯାଏ ନାହିଁ। କେବଳ କୌଣସି ସ୍ୱତନ୍ତ୍ର ଅବସରରେ ମାତ୍ର ୧୦-୨୦ ମିନିଟ୍ ଏହି ଜଳପ୍ରପାତରେ ଜଳ ପ୍ରବାହିତ କରାଯାଏ। ଆଉ ସେତେବେଳର ଦୃଶ୍ୟ ଏତେ ଚମତ୍କାର ଲାଗେ ଯେ, ଦେଖଣାହାରୀଙ୍କ ପାଇଁ ଏହା ଆଜୀବନ ଅପାସୋରା ହୋଇ ରହିଯାଏ।



# ରହସ୍ୟମୟ ପଥର ପାତ୍ର

**ଏ**କ ବିସ୍ତୀର୍ଣ୍ଣ ସମତଳ ଭୂମି। ଆଉ ସେହି ସମତଳ ଭୂମିର ଚାରିଆଡ଼େ ଦେଖିବାକୁ ମିଳେ ଅନେକ ରହସ୍ୟମୟ ପଥରର ପାତ୍ର, ଯାହାର ଆକାର ସାଧାରଣ ପାତ୍ର ଭଳି ନୁହେଁ। ବରଂ ଦେଖିବାକୁ ଜାର୍ ବା ନଳାକୃତିର ଓ ଖୁବ୍ ବଡ଼ ବଡ଼। ଲାଓସ୍‌ର ଜିଏଙ୍ଗଖୋଉଆଙ୍ଗ ପ୍ରାନ୍ତରେ ଦେଖିବାକୁ ମିଳେ ଏହି ବିସ୍ମୟକର ପଥରର ପାତ୍ରସବୁ। ଏଠାରେ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଏଭଳି ପାତ୍ର ଅଛି। ସେଥିମଧ୍ୟରୁ କିଛିଟା ୧୦ଫୁଟ୍ ଉଚ୍ଚତା ବିଶିଷ୍ଟ ମଧ୍ୟ। ଏତେ ପଥରର ପାତ୍ରକୁ କିଏ ଓ କାହିଁକି ଏଠାରେ ତିଆରି କରାଇଛି ସେନେଇ ଅନେକ ଗବେଷଣା ହୋଇଛି। ଭୂତତ୍ତ୍ୱବିତ୍‌ଙ୍କ ମତରେ ଜାର୍‌ଗୁଡିକ ପ୍ରାୟ ୨୦୦୦ ବର୍ଷ ପୁରୁଣା । କିନ୍ତୁ ଏଗୁଡିକୁ କିଏ ଓ କେଉଁ ଉଦ୍ଦେଶ୍ୟରେ କରିଥିଲେ ତାହା ଜଣା ପଡ଼ିନାହିଁ। ତେବେ କୁହାଯାଏ ଏସବୁକୁ ଅନ୍ତ୍ୟେଷ୍ଟି କ୍ରିୟାର ଭସ୍ମାଧାର ଭାବେ ବ୍ୟବହାର କରାଯାଉଥିଲା। ସେ ଯାହା ବି ହେଉ ପର୍ଯ୍ୟଟକ କିନ୍ତୁ ଏଠାକୁ ଆସିଲେ ଭିନ୍ନ ଏକ ଅନୁଭୂତି ସାଉଁଟନ୍ତି। ବିସ୍ମୟକର ଓ ବିରାଟକାୟ ଏହି ପାତ୍ରଗୁଡ଼ିକ ମଧ୍ୟରେ ରହସ୍ୟମୟ ଇତିହାସକୁ ରୋମନ୍ଥନ କରନ୍ତି।